# ସନ୍‌ଡ୍ୟାନ୍ସ ଫେଷ୍ଟିଭାଲ୍‌ରେ ଓବାମା ଝିଅଙ୍କ ଫିଲ୍ମ

**ୱାଶିଂଟନ୍,୧୯।୧**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଝିଅ ମାଲିଆ ଓବାମାଙ୍କ ନୂଆ ଶର୍ଟ ଫିଲ୍ମ 'ଦି ହାର୍ଟ' ଶୁକ୍ରବାର ୨୦୨୪-ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ଲାନିତ ହୋଇଛି। ୧୮ ମିନିଟ୍ ବିଶିଷ୍ଟ ଏହି ଫିଲ୍ମ ହେଉଛି ୨୫ ବର୍ଷୀୟା ମାଲିଆଙ୍କ ଦ୍ୱାରା ଲିଖିତ ତଥା ନିର୍ଦ୍ଦେଶିତ ପ୍ରଥମ ଚଳଚ୍ଚିତ୍ର। ଉଟାହର ପାର୍କ ସିଟିରେ ଆୟୋଜିତ ଏହି ଚଳଚ୍ଚିତ୍ର ମହୋତ୍ସବରେ ମାଲିଆ ଯୋଗଦେଇଥିବାବେଳେ ତାଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରାଯାଇଥିଲା। ଫିଲ୍ମକୁ ସ୍ଥାନ ଦେବା ପାଇଁ ଅନୁରୋଧପତ୍ରରେ ସେ ନିଜ ସାଙ୍ଗିଆ ବ୍ୟବହାର କରି ନ ଥିଲେ। ସେ ଏଥିରେ କେବଳ 'ମାଲିଆ ଆନ୍' ଲେଖିଥିଲେ। କ୍ଷୁଦ୍ର ଚଳଚ୍ଚିତ୍ରଟି ପାର୍କ ସିଟିର ପ୍ରୋସ୍ପେକ୍ଟର ସ୍କୋୟାର ଥିଏଟରରେ ପ୍ରଦର୍ଶିତ ହୋଇଛି।

**'ଦି ହାର୍ଟ'କୁ ରେଡ୍ କାର୍ପେଟ୍ ସ୍ୱାଗତ**

ହଲିଉଡ୍ ରିପୋର୍ଟରେ ଅନୁସାରେ, ଆୟେଶା ନଦରାଜାହଙ୍କ ଦ୍ୱାରା ପ୍ରଯୋଜିତ 'ଦି ହାର୍ଟ'ରେ ଗୁଣ୍ଡେ ଆଡେବିମ୍ପେ ଏବଂ ଲାଟୋନ୍ୟା ବୋର୍‌ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ନିଜ ମା'ଙ୍କଠାରୁ ଏକ ଅଜବ ଅନୁରୋଧ ଗ୍ରହଣ କରିଥିବା ଜଣେ ଦୁଃଖୀ ପୁଅଙ୍କ ଉପରେ ଏହାର କାହାଣୀ ପର୍ଯ୍ୟବସିତ। ଦର୍ଶକମାନେ ଏହାକୁ ଉପଭୋଗ କରିବେ ବୋଲି ଆଶାବାଦୀ ଥିବା ମାଲିଆ 'ମିଟ୍ ଦି ଆର୍ଟିଷ୍ଟ' ଭିଡିଓରେ ପ୍ରକାଶ କରିଛନ୍ତି। ୨୦୨୧ରେ ହାର୍ଭାର୍ଡ ୟୁନିଭର୍ସିଟିରୁ ସ୍ନାତକ ଡିଗ୍ରୀ ହାସଲ ପରେ ଓବାମାଙ୍କ ବଡ଼ଝିଅ ମାଲିଆ ନିଜ ମା' ମିଶେଲ ଓବାମାଙ୍କ ସହ ମିଶି ପ୍ରାଇମ୍ ଭିଡିଓ ସିରିଜ୍ 'ସ୍ୱର୍ମ'ରେ ଲେଖିକା ଭାବେ କାର୍ଯ୍ୟ କରିଥିଲେ। ଏଚ୍‌ବିଓ ସିରିଜ୍ 'ଗର୍ଲ'ରେ ମଧ୍ୟ ମାଲିଆ ଇଣ୍ଟର୍ନ ଥିଲେ। ସେହିପରି ହାଲି ବେରିଙ୍କ ଅଭିନୀତ ଟିଭି ସିରିଜ୍ 'ଏକ୍ସଟାଣ୍ଟ'ରେ ମାଲିଆ ପ୍ରଡକ୍ସନ ଆସିଷ୍ଟାଣ୍ଟ ଦାୟିତ୍ୱ ତୁଲାଇଥିଲେ।



ମାଲିଆ ଓବାମା

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରସ୍ତୁତି ସମୀକ୍ଷା କଲେ ପାଣ୍ଡିଆନ୍

**ଭୁବନେଶ୍ୱର,୧୯।୧(ଅନିଲ ଦାସ)**

ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ତୃତୀୟ ଐତିହ୍ୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ୨୦୨୪ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ସମ୍ମିଳନୀ ଉପଲକ୍ଷେ ପ୍ରସ୍ତୁତ କରାଯାଉଥିବା ଅକ୍ଷର ଭୂମିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ମିଳନୀର ପ୍ରଥମ ଦିବସରେ ଲୋକାର୍ପଣ କରାଯିବ। ଏହି ସମ୍ମିଳନୀ ଅବସରରେ ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ।

ଏହି ସମ୍ମିଳନୀରେ ଭାଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକୁ ନେଇ ୧୬ଟି ସମ୍ମାନ ଆୟୋଜନ କରାଯିବ। ଏତଦ୍‌ବ୍ୟତୀତ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସମ୍ମାନର ଆୟୋଜନ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋକାର୍ପିତ ଲୋଗୋକୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ପ୍ରମୁଖ ସ୍ଥାନ କିମ୍ବା କାନ୍ଥରେ ଚିତ୍ରଣ କରାଯିବ। ଏହି ଲୋଗୋକୁ ସମସ୍ତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବା ସହିତ ସମସ୍ତ ସରକାରୀ ଗାଡ଼ିରେ ଷ୍ଟିକରିଂ କରାଯାଇ ସମ୍ମିଳନୀର ପ୍ରଚାର ପ୍ରସାର କରାଯିବ।

ଏହି ସମ୍ମିଳନୀର ପ୍ରଚାର ପ୍ରସାର ନିମନ୍ତେ ବିଷୟଭିତ୍ତିକ ସଙ୍ଗୀତ ପ୍ରସ୍ତୁତ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଏହି ସମ୍ମିଳନୀର ପ୍ରଚାର ପ୍ରସାର ଲାଗି ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ସୂଚନା ନିମନ୍ତେ ଉଭୟ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମର ବ୍ୟବହାର କରାଯିବ।

- **ପ୍ରତିବର୍ଷ ମାତୃଭାଷା ଦିବସ ପାଳନ ହେବ**
- **ଶହେ ବର୍ଷ ପୁରୁଣା ସ୍କୁଲକୁ ଐତିହ୍ୟ ବିଦ୍ୟାଳୟ ମାନ୍ୟତା ମିଳିବ**
- **ଛାତ୍ରୀଛାତ୍ରଙ୍କୁ ବ୍ୟାପକ ଭାବେ ସାମିଲ କରାଯିବ**

ଓଡ଼ିଶା ମୋ ପରିବାର ତରଫରୁ ରାଜ୍ୟ ବାହାରେ ଓ ବିଦେଶରେ ରହୁଥିବା ଓଡ଼ିଆ ସଙ୍ଗଠନଗୁଡ଼ିକୁ ଲାଇଭ ୱେବ୍‌କାଷ୍ଟ ଦ୍ୱାରା ଯୋଡ଼ାଯାଇ ସମ୍ମିଳନୀର ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ ବାସ୍ତବ ଓ ଆଭାସି ଉପସ୍ଥିତି ନିମନ୍ତେ ଉତ୍ସାହିତ କରାଯିବ। ଏଥିସହିତ ସେମାନଙ୍କର ମତାମତକୁ ବୈଦ୍ୟୁତିକ ଗଣମାଧ୍ୟମ ଓ ମୁଦ୍ରଣ ଗଣମାଧ୍ୟମରେ ପ୍ରକାଶ କରାଯିବା ସହିତ ମତାମତର କ୍ୟାଟେଲଗ ମଧ୍ୟ ପ୍ରସ୍ତୁତ କରାଯିବ। ଏହି ସମ୍ମିଳନୀ ଉପଲକ୍ଷେ ସମ୍ମିଳନୀ ସମ୍ବନ୍ଧୀୟ ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ତଥ୍ୟପୁସ୍ତିକା ମାଧ୍ୟମରେ ପ୍ରକାଶ କରାଯିବ।



ପ୍ରତିବର୍ଷ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସପ୍ତାହ ପାଳନ କରାଯିବା ସହିତ ରାଜ୍ୟ ମାତୃଭାଷା ଦିବସ ପାଳନ କରାଯିବ।

ମାତୃଭାଷାର ବହୁଳ ବ୍ୟବହାର ନିମନ୍ତେ ବିଭିନ୍ନ ନିଗମ କାର୍ଯ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନରେ ଓଡ଼ିଆ ଭାଷାର ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ରାଜ୍ୟ ବାହାରେ ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

ରାଜ୍ୟ ବାହାରେ ଓ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ଓଡ଼ିଆ ଶିଖିବା ନିମିତ୍ତ ଉଭୟ ଡିଜିଟାଲ ଓ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ। ସେମାନଙ୍କୁ ସପ୍ତମ ଶ୍ରେଣୀସ୍ତରର ଓଡ଼ିଆ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ପ୍ରଦାନ ନିମିତ୍ତ ଏକ ପରୀକ୍ଷା ପ୍ଲାଟଫର୍ମ ମଧ୍ୟ ଉପଲବ୍ଧ କରାଯିବ। ରାଜ୍ୟରେ ଶହେ ବର୍ଷର ପୁରୁଣା ୧୦୯ଟି ପ୍ରାଥମିକ ବିଦ୍ୟାଳୟ ଏବଂ ୪୫ଟି ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ଭାବେ ଘୋଷଣା କରାଯିବା ସହ ଉକ୍ତ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବରପୁତ୍ରମାନଙ୍କୁ ସମ୍ବର୍ଦ୍ଧନା କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏହି ଅବସରରେ ସମ୍ମିଳନୀ ସ୍ଥଳ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଓ ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ପ୍ରଥମ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ ରୋଗୀଙ୍କ ମୃତ୍ୟୁ

**କଟକ,୧୯।୧ (ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲରେ ପ୍ରଥମ ହାପଲୋ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବା ଅସ୍ଥିମଜ୍ଜା ପ୍ରତିରୋପଣ ରୋଗୀଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା କଣ୍ଟାମାଳିମ ଅଞ୍ଚଳର ଶୁଭ୍ରାଂଶୁ ସବ୍ୟସାଚୀ ସାହୁ(୧୯)। ୨୦୧୬ରେ ଶୁଭ୍ରାଂଶୁ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗରେ ଚିକିତ୍ସିତ ହୋଇଥିଲେ। ୨୦୧୯ରେ ସେ ଆରୋଗ୍ୟଲାଭ କରିଥିଲେ। ଦୁଇବର୍ଷ ପରେ ପୁଣିଥରେ ସେ ଅସୁସ୍ଥ ହେବାରୁ ଏସ୍‌ସିବି ମେଡିକାଲରେ ତାଙ୍କର ବିଭିନ୍ନ ପରୀକ୍ଷା କରାଯାଇଥିଲା। ସେ ଦ୍ୱିତୀୟଥର କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିବାରୁ କେମୋଥେରାପି ବଦଳରେ ହାପଲୋ ଆଲୋଜେନିକ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରିବାକୁ ବିଭାଗୀୟ ମୁଖ୍ୟ ପ୍ରଫେସର ଆର୍.କେ. ଜେନା ପରାମର୍ଶ ଦେଇଥିଲେ। ପରେ ଶୁଭ୍ରାଂଶୁଙ୍କ ସାନଭାଇ ପ୍ରଭୁଦତ୍ତ ଷ୍ଟେମ୍‌ସେଲ ଦେବାକୁ ସମ୍ମତି ଜଣାଇବାରୁ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। ପ୍ରଭୁଦତ୍ତଙ୍କ ହ୍ୟୁମାନ୍ ଲିକୋସାଇଟିକ ଆଣ୍ଟିଜେନ୍(ଏଚ୍‌ଏଲ୍‌ଏ) ଶୁଭ୍ରାଂଶୁଙ୍କ ଏଚ୍‌ଏଲ୍‌ଏ ସହ ୫୦ ପ୍ରତିଶତ ମେଳ ଖାଇବାରୁ ହାପଲୋ ପଦ୍ଧତିରେ ଗତ ୯ ତାରିଖରେ ଏସ୍‌ସିବିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ଫଳରେ ଶୁଭ୍ରାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସିଥିଲା। ହେଲେ ଶୁକ୍ରବାର ସକାଳେ ଶୁଭ୍ରାଂଶୁଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡ. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏହି ଅସ୍ଥିମଜ୍ଜାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସେଲ, ଯାହା ରୋଗୀ ସହ ମ୍ୟାଚ୍ ହେବା ଆବଶ୍ୟକ। ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ ଗୁରୁବାର ରାତି ପର୍ଯ୍ୟନ୍ତ ଶୁଭ୍ରାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ହେଲେ ଶୁକ୍ରବାର ସକାଳେ ହଠାତ୍ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହି ସଫଳ ଅସ୍ତ୍ରୋପଚାର ପରେ ରୋଗୀଙ୍କର କିପରି ମୃତ୍ୟୁ ଘଟିଲା ସେ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଘରୋଇ ହସ୍ପିଟାଲରେ ଏହି ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ୪୦ରୁ ୫୦ ଲକ୍ଷ ଖର୍ଚ୍ଚ ହେଉଥିବାବେଳେ ଏସ୍‌ସିବିରେ ମାତ୍ର ୪ଲକ୍ଷ ଟଙ୍କା ଖର୍ଚ୍ଚରେ ଏହା ସମ୍ଭବ ହୋଇଥିଲା।

# ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା


ମୃତ ସସ୍ମିତା ବେହେରା

**ଭଦ୍ରକ,୧୯।୧(ସନାତନ ରାଉତ)**

ଭଦ୍ରକ ଟାଉନ ଥାନା ଅଧୀନ ଜାନୁଗଞ୍ଜସ୍ଥିତ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ଗୁରୁବାର ରାତିରେ ଫ୍ୟାନ୍‌ରେ ନିଜ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ପଞ୍ଚାୟତ କୁରିକେଣା ଗାଁର ସସ୍ମିତା ବେହେରା(୨୩)। ସେ ମେସ୍‌ରେ ରହି ଭଦ୍ରକ କଲେଜରେ ପିଜି କରୁଥିଲେ।

ସୂଚନା ଅନୁଯାୟୀ, ସସ୍ମିତା ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ରୁମ୍ କବାଟ ନ ଖୋଲିବାରୁ ସାଙ୍ଗମାନେ ତାଙ୍କ ଫୋନ୍‌କୁ କଲ୍ କରିଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ସନ୍ଦେହ ହେବାରୁ ମେସ୍ ମାଲିକ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଖବରପାଇ ସସ୍ମିତାଙ୍କ ବାପା ପହଞ୍ଚିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଖୋଲାଯାଇଥିଲା। ଫ୍ୟାନ୍‌ରେ ସସ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରାଯାଇଛି। ଗୁରୁବାର ରାତି ୯ଟା ବେଳେ ସସ୍ମିତା ମା'ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ବୋଲି ବାପା ଦେବେନ୍ଦ୍ର ବେହେରା କହିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ମୃତ ଛାତ୍ରୀଙ୍କ ମୋବାଇଲ ଜବତ ସହ ସେଥିରେ ଥିବା କଲ୍ ହିଷ୍ଟ୍ରି ଓ ସାଙ୍ଗମାନଙ୍କୁ ପଚରାଉଚରା କରି ତଦନ୍ତ କରାଯିବ ବୋଲି ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଛନ୍ତି।










| Financial Year | Name of the Policy | Number of MSMEs benefited | Incentive Amount Disbursed |
|---|---|---|---|
| 2022-23 | Odisha MSME Development Policy | 98 | Rs. 19.93 Cr |
| | Odisha Food Processing Policy | 74 | Rs. 19.32 Cr |
| | Industrial Policy Resolution (IPR) | 272 | Rs. 9.09 Cr |
| | Total | 444 | Rs. 48.34 Cr |
| 2023-24 | Odisha MSME Development Policy | 51 | Rs. 16.16 Cr |
| | Odisha Food Processing Policy | 29 | Rs. 25.17 Cr |
| | Industrial Policy Resolution (IPR) | 249 | Rs. 9.51 Cr |
| | Total | 329 | Rs. 50.84 Cr |
| Since 2018-19 FY | Odisha MSME Development Policy | 374 | Rs. 71.3 Cr |
| | Odisha Food Processing Policy | 191 | Rs. 91.65 Cr |
| | Industrial Policy Resolution (IPR) | 1875 | Rs. 101.05 Cr |
| | Total | 2440 | Rs. 264 Cr |

• Application for incentives can be made in online AIM portal (https://odishamsme.nic.in)
• Incentive amount will be directly credited (Direct Benefit Transfer) in Bank Account of beneficiary MSMEs
OIPR-43001/13/0020/2324

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ୧୫ ଗିରଫ

ଭୁବନେଶ୍ୱର, ୧୯।୧ (ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀର ବିଭିନ୍ନ ବସ୍ତିରେ ଦେଶୀ ମଦ ପ୍ରସ୍ତୁତ ହେବା ସହ ଖୁଲମ୍‌ଖୁଲା ବିକ୍ରି ହେଉଛି। ପୋଲିସ ଚୁପ୍ ବସୁଥିବାବେଳେ କିଛିଦିନ ହେବ ଅବକାରୀ ବିଭାଗ ଚଢ଼ାଉ କରି ପଦକ୍ଷେପ ନେଉଛି। ଚଢାଉ ସମୟରେ ଭୁବନେଶ୍ୱର ଓ କଟକ ଫ୍ଲାଇଂ ସ୍କ୍ୱାଡ୍ ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ନଷ୍ଟ କରିଛି। ଏହାସହ ମଦ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଜବତ ହୋଇଛି। ତେବେ ଏହି କାରବାରରେ ଅବକାରୀ ଟିମ୍ ମହିଳାଙ୍କ ସମେତ ୧୫ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସାଲିଆ ସାହିର ନୀଳଚକ୍ରନଗର ବସ୍ତି, ଇଡ୍‌କୋ ବସ୍ତି, ନୟାଗଡ ବସ୍ତି, ଲୋୟଲା ସ୍କୁଲ ଅଞ୍ଚଳ ଆଦି ସ୍ଥାନରେ ଚଢାଉ କରିଥିଲା।

### ଜୟନ୍ତୀରେ ମଧୁସୁଦନ ରାଓଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୯।୧ (ଶର୍ମିଷ୍ଠା ପାଣିଗ୍ରାହୀ)-ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭକ୍ତକବି ମଧୁସୁଦନ ରାଓଙ୍କ ୧୭୧ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଭୁବନେଶରସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରେ ଥିବା ପ୍ରତିମୁର୍ତ୍ତିସ୍ଥଳରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରବିର ମହାନ୍ତି, ଡ଼. ମିହିର ପଟ୍ଟନାୟକ, ସଞ୍ଜୟ ପରିଡା, ଗିରିଜାଶଙ୍କର ମହାପାତ୍ର, ବିଜୟ ସାହୁ, ହରପ୍ରିୟା ପଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଉପ ନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ବାରଙ୍ଗ, ୧୯।୧ (ଲିଙ୍ଗରାଜରାଉତ) ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସାହିତ୍ୟ ସୃଜନୀ କ୍ଲବ, ଜିଜ୍ଞାସା କ୍ଲବ, କୌଶଳି କ୍ଲବ ଓ କ୍ରୀଡ଼ାଙ୍ଗନ କ୍ଲବର ଆକାଂକ୍ଷୀ ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଉତ୍କର୍ଷ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମେଣ୍ଢାଶାଳ ସରପଞ୍ଚ କୌଶଲ୍ୟା ବଳିୟାରସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଲୁମ୍‌ନି କମିଟି ସଭାପତି ସନ୍ତୋଷ କୁମାର ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ସୁବୁଦ୍ଧି ଓ ପ୍ରଫୁଲ୍ଲ କୁମାର ପାତ୍ର, ନାଏବ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ନିମାଇଁ ବିଶ୍ୱାଳ, ପ୍ରସନ୍ନ ଦାଶ, ସାମ୍ବାଦିକ ପଦ୍ମଚରଣ ବଡ଼ଜେନା ପ୍ରମୁଖ ଯୋଗଦେଇ ପ୍ରୋଜେକ୍ଟ ବୁଲି ଦେଖିଥିଲେ।

# ମାଟ୍ରିମୋନିରେ ସ୍ତ୍ରୀଙ୍କ ନାଁରେ ଆକାଉଣ୍ଟ ଖୋଲି ଠକୁଥିଲେ

## ନବମ ଫେଲ୍ ଚତୁର ଠକ ଗିରଫ

- ଯୁବକଙ୍କଠାରୁ ନେଇଥିଲେ ୩.୧୮ ଲକ୍ଷ ଟଙ୍କା
- ୧.୬୧ ଲକ୍ଷ ଜବତ
- ବିଭିନ୍ନ ମାଟ୍ରିମୋନିଆଲ୍ ଆପ୍‌କୁ ତଥ୍ୟ ମାଗିଲା ପୋଲିସ



ଭୁବନେଶ୍ୱର, ୧୯।୧ (ସତ୍ୟଜିତ୍ ରାଉତ)

ଶିକ୍ଷାଗତ ଯୋଗ୍ୟତା ନବମ ଫେଲ୍, ହେଲେ କାମ ଥିଲା ଅତି ଚତୁର। ମାଟ୍ରିମୋନି ଆପ୍‌ରେ ସ୍ତ୍ରୀଙ୍କ ନାଁରେ ଆକାଉଣ୍ଟ ଖୋଲି ପ୍ରୋଫାଇଲ୍‌ରେ ଦେଇଥିଲେ ସୁନ୍ଦରୀ ଯୁବତୀଙ୍କ ଫଟୋ। ବିବାହ ପାଇଁ କନ୍ୟା ଖୋଜୁଥିବା ଯୁବକଙ୍କ ସହ ଚାଟ୍ କରି ଫସାଉଥିଲେ। ନିଜକୁ ଯୁବତୀର ପରିଚୟ ଦେବା ସହ ବିବାହ କରିବାକୁ କହି ଠକୁଥିଲେ। ଏଭଳି ଜଣେ ଯୁବକଙ୍କଠାରୁ ୩.୧୮ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ସଦର ଥାନା ଅଞ୍ଚଳର ନୃସିଂହ ବିଶ୍ୱାଳ (୩୬)। ତାଙ୍କଠାରୁ ନଗଦ ୧ ଲକ୍ଷ ୬୧ ହଜାର ୧୯୦ ଟଙ୍କା, ୫ଟି ଏଟିଏମ୍ କାର୍ଡ, ୨ଟି ସିମ୍ କାର୍ଡ ଓ ୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ନୃସିଂହଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ମାନସ ରଞ୍ଜନ ପଣ୍ଡା ବିବାହ ପାଇଁ ଭାରତ ମାଟ୍ରିମୋନି ଆପ୍‌ରେ କନ୍ୟା ଖୋଜୁଥିଲେ। ଏହି ସମୟରେ ଅଭିଯୁକ୍ତ ନୃସିଂହ ତାଙ୍କ ସ୍ତ୍ରୀଙ୍କ ନାଁରେ ଖୋଲିଥିବା ଦୀପା ପ୍ରଧାନ ନାମ୍ନୀ ଆକାଉଣ୍ଟରେ ତାଙ୍କର ନଜର ପଡ଼ିଥିଲା। ଫଟୋ ଓ ପ୍ରୋଫାଇଲ୍ ଦେଖି ମାନସ ତାଙ୍କୁ ବିବାହ ପାଇଁ ପସନ୍ଦ କରିଥିଲେ। ହେଲେ ତାହା ଏକ ନକଲି ଆକାଉଣ୍ଟ ବୋଲି ମାନସ ଅଜ୍ଞ ଥିଲେ। ତେଣୁ ସେ ଗତବର୍ଷ ମେ' ୧୮ରୁ ଉକ୍ତ ଆକାଉଣ୍ଟରେ ଦିଆଯାଇଥିବା ହ୍ୱାଟ୍ସଆପ୍ ନମ୍ବର ଆଣି ଚାଟିଂ କରିଥିଲେ। ମାନସ ଉକ୍ତ ନମ୍ବରରେ ଭଏସ୍ କିମ୍ବା ଭିଡିଓ କଲ୍ କରିବାକୁ ଚାହୁଁଥିଲେ ମଧ୍ୟ ଦୀପା ପରିଚୟରେ ଚାଟିଂ କରୁଥିବା ଅଭିଯୁକ୍ତ ନୃସିଂହ ବିଭିନ୍ନ କଥା କହି ବାରଣ କରୁଥିଲେ। ପରେ ଅଭିଯୁକ୍ତ ପାରିବାରିକ ସମସ୍ୟା କହି ମାନସଙ୍କୁ ଜାଲରେ ଫସାଇଥିଲେ। ପ୍ରଥମେ ବାପା କ୍ୟାନ୍‌ସରରେ ପୀଡ଼ିତ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ବାପାଙ୍କ ମୃତ୍ୟୁ ଖବର ଦେବା ସହ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଓ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିବା ଜଣାଇ ସହାୟତା ଲୋଡିଥିଲେ। ଏପରି ବିଭିନ୍ନ ସମସ୍ୟା କହି ମାନସଙ୍କଠାରୁ ସେ ବିଭିନ୍ନ ପର୍ଯ୍ୟାୟରେ ୩ ଲକ୍ଷ ୧୮ ହଜାର ଟଙ୍କା ନେଇଯାଇଥିଲେ। ପରେ ଏହି ଟଙ୍କା ମାନସ ମାଗିବା ପରେ ଅଭିଯୁକ୍ତ ବିଭିନ୍ନ ବାହାନା କାଢ଼ିବା ସହ ପରେ ମୋବାଇଲକୁ ସୁଇଚ୍ ଅଫ୍ କରିଦେଇଥିଲେ। ଏନେଇ ମାନସ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଗତବର୍ଷ ନଭେମ୍ବର ୧୫ରେ ଏକ ମାମଲା (ନଂ.୧୧୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ନୃସିଂହ ଭାରତ ମାଟ୍ରିମୋନି ଆପ୍ ସହ ଅନ୍ୟାନ୍ୟ ମାଟ୍ରିମୋନିଆଲ୍ ସାଇଟ୍‌ରେ ମଧ୍ୟ ଏଭଳି ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ସେସବୁ ଆପ୍‌କୁ ଚିଠି ଲେଖି ତଥ୍ୟ ମଗାଯାଇଛି। ଏପରିକି ମାନସଙ୍କୁ ରିମାଣ୍ଡରେ ଆଣିବାକୁ ମଧ୍ୟ ପୋଲିସ ଯୋଜନା କରୁଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ପେନ୍‌ସନ ନେଇ ଆଶାବାଦୀ ହେଲେ ବିଡିଏ କର୍ମଚାରୀ

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ବିଡିଏ କର୍ମଚାରୀଙ୍କ ପେନ୍‌ସନ ସପକ୍ଷରେ ହାଇକୋର୍ଟ ରାୟ ଦେବାପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କର୍ମଚାରୀଙ୍କ ମଧ୍ୟରେ ଆଶା ଦେଖାଦେଇଛି। କେବଳ ବିଡିଏ ନୁହେଁ, ୮ଟି ପୌରାଞ୍ଚଳ କର୍ମଚାରୀ ଏହାକୁ ନେଇ ଆଶାବାଦୀ ରହିଥିବା କହିଛନ୍ତି। ବିଡିଏ କର୍ମଚାରୀମାନେ ଦୀର୍ଘଦିନ ହେବ ଏଠାରେ କାର୍ଯ୍ୟରତ ଥିଲେ ମଧ୍ୟ ସେମାନଙ୍କ ପାଇଁ ପେନ୍‌ସନ ଲାଗୁ ହେଉ ନ ଥିଲା। ଏବେ ଏନେଇ ଏକ ପ୍ରତିନିଧି ଦଳ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଆଲୋଚନା ସକାରାତ୍ମକ ଥିବା କର୍ମଚାରୀମାନେ ସୂଚନା ଦେଇଛନ୍ତି। ଦାବି ମୁତାବକ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ବିଡିଏ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ଅନ୍ୟ କର୍ମଚାରୀ ଭଳି ପେନ୍‌ସନ୍ ପ୍ରଦାନ କରାଯିବାକୁ ଦାବି କରାଯାଇଛି।

# ହର ହର ଶଙ୍କରରୁ ଆରମ୍ଭ ହେଲା ଶେଷ ସନ୍ଧ୍ୟା





ଏକକ ପର୍ଯ୍ୟାୟରେ ଯଜ୍ଞଦତ୍ତ ପ୍ରଧାନ ଏବଂ ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱୀକୃତି ଦାସଙ୍କ ନୃତ୍ୟ ପରିବେଷଣ।

## ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୧୯।୧ (ଶର୍ମିଷ୍ଠା ପାଣିଗ୍ରାହୀ/ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ମୁକ୍ତେଶ୍ୱର ମନ୍ଦିର ପରିସରରେ ଚାଲିଥିବା ୩ଦିନିଆ ମୁକ୍ତେଶ୍ୱର ଉତ୍ସବ ଶୁକ୍ରବାର ଶେଷ ହୋଇଛି। ମାତୃପ୍ରସାଦ ଦାସ ଓ ସାଥୀଙ୍କ ଶିବ ବନ୍ଦନା ହର ହର ଶଙ୍କର ଭୋଲା ମହେଶ୍ୱର ପରିବେଷଣରୁ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଯଜ୍ଞଦତ୍ତ ପ୍ରଧାନଙ୍କ ଦ୍ୱାରା ମହାଭାରତରୁ ଉଦ୍ଧୃତ ତଥା ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ଲିଖିତ ଅଭିନୟ କର୍ଣ୍ଣ ପରିବେଷଣ କରାଯାଇଥିଲା। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱୀକୃତି ଦାସଙ୍କ ଦ୍ୱାରା ପ୍ରଥମେ ପଲ୍ଲବୀ ପରିବେଷିତ ହୋଇଥିଲା, ଯାହା ରାଗ ଝିଞ୍ଜୋଟୀ ଓ ତାଳ ଏକତାଳି ଉପରେ ନିବଦ୍ଧ ଥିଲା। ପରେ ତାଙ୍କ ପ୍ରସ୍ତୁତିରେ ଥିଲା ମଦନ ମନହୋର ସ୍ତୋତ୍ରମ୍। ଅନ୍ତିମ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ନୃତ୍ୟନୀଳୟ ଅନୁଷ୍ଠାନର ଶିଳ୍ପୀମାନେ। ସେମାନେ ପ୍ରଥମେ ଶବ୍ଦ ରଙ୍ଗ ପରିବେଷଣ କରିଥିଲେ, ଯାହା ରାଗ ରାଗମାଳିକା ଓ ତାଳ ଆଦିତାଳ ଉପରେ ନିବଦ୍ଧ ଥିଲା। ଅନ୍ତିମ ପ୍ରସ୍ତୁତିଟି ଥିଲା ତ୍ରିବେଣୀ ସଙ୍ଗମ, ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକା ଉପରେ ପର୍ଯ୍ୟବସିତ ଥିଲା। ଅତିଥି ଭାବେ ଏକାଡେମୀ ସଭାପତି ଗୁରୁ ଅରୁଣା ମହାନ୍ତି, ପ୍ରଫେସର ଗୁରୁ ରାମହରି ଦାସ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ ଏବଂ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ ସଂଚାଳନା କରିଥିଲେ।

### ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ଭୁବନେଶ୍ୱର, ୧୯।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଏକ ମୋଟରସାଇକେଲ ଚୋରି ମାମଲାର ବିଚାର କରି ଅଭିଯୁକ୍ତ ଟୁକୁନା ଓରଫ ସାଜିଦ ଖାନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡ ଶୁଣାଇଛନ୍ତି। ସାକ୍ଷୀମାନଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ୨ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଅଭିଯୋଗକାରୀ ପ୍ରକାଶ କୁମାର ନାୟକ ୨୦୨୨ ଡିସେମ୍ବର ୨୮ ଅପରାହ୍ନରେ ନିଜ ସାଙ୍ଗ ସହ ଖଣ୍ଡଗିରି ପାହାଡ଼ ବୁଲିବାକୁ ଯାଇଥିଲେ। ସେ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ପାହାଡ଼ ପାର୍ଶ୍ୱ ପାର୍କିଂରେ ରଖିଥିଲେ। ବୁଲାବୁଲି ସାରି ଫେରିଲା ବେଳକୁ ଗାଡି ନ ଥିବା ଦେଖି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଟୁକୁନାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରାଗାଡି ଜବତ କରିଥିଲା।

## କୃଷ୍ଣ ସିଂହ ଗାନ୍ଧୀ ବିଚାରର ଜଣେ ଅନନ୍ୟ ରୂପକାର



କୃଷ୍ଣ ସିଂହଙ୍କ ଜନ୍ମୋତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ପୁସ୍ତକ 'କ୍ରାନ୍ତଦର୍ଶୀ କୃଷ୍ଣସିଂହ' ଓ 'ଚର୍ଚ୍ଚିତ-୫୦' ଉନ୍ମୋଚିତ

ଭୁବନେଶ୍ୱର, ୧୯।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷୀୟାନ ଭୂଦାନ ଓ ସର୍ବୋଦୟ ନେତା ତଥା କୋରାପୁଟର ଗାନ୍ଧୀ କୃଷ୍ଣ ସିଂହଙ୍କ ୮୬ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଉଦଘାଟନ କରି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଂଜନ ମହାନ୍ତି କହିଲେ 'କୃଷ୍ଣ ସିଂହ ଗାନ୍ଧୀ ବିଚାରର ଜଣେ ଅନ୍ୟ ରୂପକାର ଏବଂ ସଂଗ୍ରାମୀ ସନ୍ଥ। ସମ୍ମାନିତ ଅତିଥି କଥାକାର କୃପାସାଗର ସାହୁ କହିଥିଲେ, ଦୟା, କ୍ଷମା ଓ କରୁଣାର କାରୁକାର୍ଯ୍ୟରେ ଭରପୁର ହୋଇ ରହିଛି କୃଷ୍ଣ ସିଂହଙ୍କ କାବ୍ୟ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ନାଟ୍ୟକାର ଓ କବି ରମେଶ ଦାସ ମତବ୍ୟକ୍ତ କରିଥିଲେ। ଗାନ୍ଧୀ ବିଚାରର ପ୍ରବକ୍ତା ଓ ସ୍ତମ୍ଭକାର ପ୍ରହ୍ଲାଦ ସିଂହ କହିଥିଲେ, ଗାନ୍ଧୀଜୀଙ୍କ ଜୀବନୀ ଓ ଦର୍ଶନକୁ ଭଲଭାବେ ନ ପଢ଼ିଲେ ତାଙ୍କୁ ସଠିକ ମୂଲ୍ୟାୟନ କରିହେବ ନାହିଁ। ଏହି ଅବସରରେ କବି ଓ ପ୍ରାବନ୍ଧିକ ଡ. ଅଶୋକ ମହାନ୍ତି କୃପାସାଗର ସାହୁଙ୍କ 'ଚର୍ଚ୍ଚିତ-୫୦' ଓ ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ କବି ତଥା ପୂର୍ବ ତଟ ରେଳପଥର ପ୍ରାକ୍ତନ ବରିଷ୍ଠ ଅଧିକାରୀ ନିରାକାର ଦାସ ଉତ୍ସବକୁ ପରିଚାଳନା ଓ ସଂଯୋଜନା କରିଥିଲେ। ହରପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏମ୍‌ସିର ୫ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୫ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି। ଏନେଇ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୫ଜଣଙ୍କ ମଧ୍ୟରୁ ୪ଜଣ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର ଥିବାବେଳେ ଜଣେ ଓଏଏମ୍‌ଏସ୍ ଅଫିସର ରହିଛନ୍ତି। ଉକ୍ତ ବିଜ୍ଞପ୍ତି ଅନୁସାରେ, ବିଏମ୍‌ସିର ଅତିରିକ୍ତ କମିଶନର-୧ ଶୁଭେନ୍ଦୁ ସାହୁଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)ର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ସାହୁ ପୂର୍ବରୁ ବିଏମ୍‌ସିରେ ଡେପୁଟି କମିଶନର (ପରିମଳ) ଭାବେ ଦାୟିତ୍ୱ ତୁଲାଉଥିଲେ। ପରେ ତାଙ୍କର ପଦୋନ୍ନତି ହୋଇ ସେ ସମାନ ବିଭାଗରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ବିଏମ୍‌ସିର ଡେପୁଟି କମିଶନର (ହାଉସିଂ/ ଷ୍ଟୋର୍/ ସ୍ଲମ୍ ଡେଭଲପ୍‌ମେଣ୍ଟ/ଓଡ଼ିଏ କୋର୍ଟ/ଏବିସି) ରମେଶ ଚନ୍ଦ୍ର ଜେନାଙ୍କୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)ର ଡେପୁଟି କମିଶନର, ଡେପୁଟି କମିଶନର ସ୍ୱାଗତ ଦାସଙ୍କୁ ବିଇଏମ୍‌ସିର ଡେପୁଟି କମିଶନର, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟଙ୍କୁ ନୟାଗଡ଼ ମ୍ୟୁନିସିପାଲିଟିର ଇଓ ଭାବେ ଏବଂ ଆସିଷ୍ଟାଣ୍ଟ କମିଶନର ପଲ୍ଲବୀ ବେହେରାଙ୍କୁ ପିପିଲି ଏନ୍‌ଏସିର ଇଓ ଭାବେ ବଦଳି କରାଯାଇଛି।

## ଫେବୃଆରୀ ୨ରେ ପରଦାକୁ ଆସିବ 'ଶାନ୍ତି ଆପାର୍ଟମେଣ୍ଟ'

### ଚଳଚ୍ଚିତ୍ରର ମ୍ୟୁଜିକ୍ ରିଲିଜ୍

ଭୁବନେଶ୍ୱର, ୧୯।୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଭିନ୍ନ ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶାନ୍ତି ଆପାର୍ଟମେଣ୍ଟ'ର ମ୍ୟୁଜିକ ଶୁକ୍ରବାର ରିଲିଜ ହୋଇଯାଇଛି। ଫେବୃଆରୀ ୨ରେ ଏହା ପ୍ରେକ୍ଷାଳୟକୁ ଆସିବ। ସିନେମାରେ ରହସ୍ୟ ଓ ରୋମାଞ୍ଚ ଭରି ରହିଛି, ଯାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି। ଚଳଚ୍ଚିତ୍ରଟିରେ ମନୋରଞ୍ଜନର ଭରପୂର ମସଲା ରହିଥିବାବେଳେ ଦର୍ଶକ କୌଣସି ଥିରେ କିଛି ବି ଉଣା କରାଯାଇ ନ ଥିବା କଥା କହିଛନ୍ତି ପ୍ରଯୋଜକ ବିକ୍ରମ ଶଙ୍କର। ଚଳିଚ୍ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜକ ରହିଛନ୍ତି ଅଭିଜିତ। ଅଶ୍ୱିନୀ ଫିଲ୍ମଟିର କାହାଣୀ ଏବଂ ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନାର ଦାୟିତ୍ୱ ତୁଲାଇଥିବାବେଳେ ସଂଳାପ ଦାୟିତ୍ୱରେ ସଂଳାପକାର ଡ. ଦୀପକ ଜେନା ରହିଛନ୍ତି। ସନ୍ଦୀପ ପଣ୍ଡାଙ୍କ ସଂଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଅର୍ପିତା ଚୌଧୁରୀ ଓ ସ୍ୱୟମ ପାଢ଼ୀ। ବିଭିନ୍ନ ଭୂମିକାରେ ଦୀପନ୍ୱିତ ଦାଶମହାପାତ୍ର, ଶୁଭାଶିଷ, ରାଗିଣୀ, ଆଲିଆ, ବରଦା, ସନ୍ତୁ ପ୍ରସନ୍ନଜିତ, ଶକ୍ତି, ରାକ୍ଷୀ, ଅନୁଷ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ୧୦ ନଂ. ଡ୍ରେନ୍ ବୁଲି ଦେଖିଲେ ଅନ୍ତର୍ଜାତୀୟ କନ୍‌କ୍ଲେଭ ପ୍ରତିନିଧି

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ସହରାଞ୍ଚଳ ରୂପାନ୍ତରଣ ସଂକ୍ରାନ୍ତ ତିନିଦିନିଆ ଅନ୍ତର୍ଜାତୀୟ କନ୍‌କ୍ଲେଭ୍ ଚାଲିଛି। ଏଥିରେ ୧୧ଟି ଦେଶ ଏବଂ ଦେଶର ୨୦ ରାଜ୍ୟରୁ ୪୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିନିଧିମାନେ ବିଏମ୍‌ସି ଦ୍ୱାରା ସହରରେ ଚାଲିଥିବା ନବୀକରଣ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଶୁକ୍ରବାର ଏକ ପ୍ରତିନିଧି ଦଳ ଡ୍ରେନ ନଂ.୧୦ର ପରିପାର୍ଶ୍ୱ ପରିଦର୍ଶନ କରିଥିଲେ। ବିଏମ୍‌ସି କିପରି 'ଆମ ପୋଖରୀ' ଯୋଜନାରେ ମୁକ୍ତା ସହଯୋଗରେ ସମ୍ପୃକ୍ତ ଜଳକୁ ଏକ ସୁନ୍ଦର ହ୍ରଦରେ ପରିଣତ କରିପାରିଛି ସେ ନେଇ ଅବଗତ କରାଯାଇଥିଲା। ଗସ୍ତ ସମୟରେ ବିଏମ୍‌ସିର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଡବ୍ଲ୍ୟୁଆର୍‌ୟୁ ଟିମ୍, ଡିସି-ମୁକ୍ତା, ୱାଟରବୋର୍ଡ ନବୀକରଣର ବିଶେଷଜ୍ଞ, ଟିମ୍ ବିଏମସି ଇଞ୍ଜିନିୟର୍ସ ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ତର୍ଜାତୀୟ କନ୍‌କ୍ଲେଭ ପ୍ରତିନିଧିମାନେ ଡ୍ରେନ ନଂ.୧୦ ଅନ୍ତର୍ଗତ ଜଳ ପରିଚାଳନା ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଡାବର ଚ୍ୟବନପ୍ରାଶ୍ ପକ୍ଷରୁ 'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନ

ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)

ଆୟୁର୍ବେଦ କମ୍ପାନୀ ଡାବର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଉପଭୋକ୍ତାଙ୍କୁ ଆୟୁର୍ବେଦ ମାଧ୍ୟମରେ ସୁସ୍ଥ ଜୀବନଶୈଳୀର ଲାଭ ସମ୍ପର୍କରେ ସଚେତନ କରିବା ପାଇଁ 'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନ ଆରମ୍ଭ ହୋଇଛି। ଏହା ଆୟୁର୍ବେଦରେ ରହିଥିବା ବିଜ୍ଞାନ ସମ୍ପର୍କରେ ସଚେତନ କରିବ, ଯାହା ଅଧୀନରେ ପ୍ରତିଷ୍ଠିତ ଡାକ୍ତରମାନେ ଆୟୁର୍ବେଦର ପ୍ରମାଣିତ ଲାଭଗୁଡିକ ସମ୍ପର୍କରେ ତଥ୍ୟ ଶେୟାର କରିବେ। ଏହି ଅଭିଯାନ ଅଧୀନରେ ଡାବର ଚ୍ୟବନପ୍ରାଶ ପକ୍ଷରୁ ପରିବର୍ତ୍ତିତ ଋତୁ ଏବଂ ସାଧାରଣ ଜୀବାଣୁ ଓ ଭୂତାଣୁ ଦ୍ୱାରା ହେଉଥିବା ରୋଗଗୁଡିକ ପ୍ରତିରୋଧ ସମ୍ପର୍କରେ ସଚେତନ କରାଯିବ। ଶୁକ୍ରବାର ଏମ୍‌ବିଏସ୍ ପବ୍ଲିକ ସ୍କୁଲର ୨୫୦ରୁ ଅଧିକ ଛାତ୍ରୀଛାତ୍ରୀଙ୍କୁ ନେଇ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଡାବର ଇଣ୍ଡିଆ ଲିମିଟେଡର ସିଏସ୍‌ଆର୍ ଓ କର୍ପୋରେଟ କମ୍ୟୁନିକେଶନସ୍ ମୁଖ୍ୟ ବ୍ୟାସ ଆନନ୍ଦ କହିଛନ୍ତି, ସାମଗ୍ରିକ ସୁସ୍ଥତାକୁ ପ୍ରାଧାନ୍ୟ ଦିଆଯାଉଥିବା ଆଜିର ଯୁଗରେ ଡାବର ବାସ୍ତବ ଓ ବୈଜ୍ଞାନିକ ରୂପେ ସମର୍ଥିତ ସୂଚନା ପ୍ରଦାନ କରି ପରମ୍ପରା ଓ ଆଧୁନିକତା ମଧ୍ୟରେ ଅନ୍ତରକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଏମବିଏସ୍ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଡ. ଜେ.ଜେ ଶିଶୁଗୋସ୍ୱାମୀ 'ସୁସ୍ଥ ମସ୍ତିଷ୍କରେ ଏକ ସୁସ୍ଥ ଶରୀର'ର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। 'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନ ଆୟୁର୍ବେଦର ସିଦ୍ଧାନ୍ତଗୁଡିକର ଜଟିଳ ଦିଗକୁ ପ୍ରକାଶ କରୁଥିବା ଏକ ଆକର୍ଷଣୀୟ ଭିଡିଓ ସିରିଜ ମାଧ୍ୟମରେ ଅଧିକରୁ ଅଧିକ ଦର୍ଶକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରୁଛି। ଏହା ୨୨ଟି ସହରର ସ୍କୁଲଗୁଡିକରେ ସେମିନାର ଆୟୋଜନ କରି ସଚେତନ କରିବ। ଏ ସମ୍ପର୍କରେ ଡ. ପରମେଶ୍ୱର ଅରୋରା କହିଛନ୍ତି, ସମସ୍ତ ଡାବର ପ୍ରଡକ୍ଟଗୁଡିକୁ ବ୍ୟାପକ ରୂପେ ଗବେଷଣା କରାଯାଇଛି। ଏଗୁଡିକ ବିଜ୍ଞାନ ଦ୍ୱାରା ସମର୍ଥିତ ସମାଧାନ ପ୍ରଦାନ କରୁଛନ୍ତି।



'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନରେ ଅଂଶଗ୍ରହଣ କରିଥିବା ସ୍କୁଲ୍ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ପଥର ଚୋରାଚାଲାଣ, ଜଣେ ଗିରଫ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖଣ୍ଡେଲାଇଟ୍ ପଥର ଚୋରା ଚାଲାଣ ଅଭିଯୋଗରେ ଟାଉନ୍ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜରିପୁଟର ବିନୋଦ ମାର୍ଥା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ ୩୯/୨୪) ରୁଜୁ ହୋଇଛି।

### ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ

କଳାପଥର,୧୯।୧(ଗଙ୍ଗାଧର ସାହୁ)

ସ୍ଥାନୀୟ କଳାପଥର ଧଳାପଥର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟକ ଭାବେ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା, ଆମ ଭାଷା ସାହିତ୍ୟର ଶ୍ରେଷ୍ଠ ସନ୍ଥକବି ଭୀମଭୋଇଙ୍କ କବିତା, ବିଶ୍ୱ ମିଳିତ ଜାତିସଂଘରେ ସ୍ଥାନିତ ଓଡ଼ିଶାର ବିଶ୍ୱସ୍ତରୀୟ ଗର୍ବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ର ଜନତା ବାଙ୍କୀ ବ୍ଲକ ସଭାପତି ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଇଂଲିଶ ଅଧ୍ୟାପକ କିଶୋର କୁମାର ସାହୁ, ଇତିହାସ ଅଧ୍ୟାପିକା ଇର୍ଷାରାଣୀ ମହାନ୍ତି, ଅର୍ଥନୀତି ଅଧ୍ୟାପିକା ଶ୍ରୀମା ଦିବ୍ୟଶ୍ରୀ ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାର ପ୍ରାଧାନ୍ୟ ଓ ଆମ ସଂସ୍କୃତିର ବାର୍ତ୍ତାବହ ବୋଲି କହିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଚିନ୍ମୟୀ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ଇର୍ଷାରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଧିରେନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ସାଇ ଇଲେଭେନ ଚାମ୍ପିୟନ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବରସାହି ମା'ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଧିରେନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସାଇ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ସ୍ଥାନୀୟ ଖେଳପଡିଆରେ ଶୁକ୍ରବାର ଫାଇନାଲ ମ୍ୟାଚ୍ ସାଇ ଇଲେଭେନ ଓ କେରଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କେରଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୯ ରନ ସଂଗ୍ରହ କରିଥିଲା। ଜବାବରେ ସାଇ ଇଲେଭନ ଟିମ୍ ୩.୪ ଓଭରରେ ୧ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅତିଥିଭାବେ ସାମାଜିକ କର୍ମୀ ପ୍ରମୋଦ ହରିଚନ୍ଦନ, ସରୋଜ ବଳିୟାରସିଂ, ରଜନୀ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ଯଥାକ୍ରମେ ୧୦ ହଜାର ଓ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ସାଇ ଇଲେଭନ ଟିମ୍‌ର ମିଳନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜକ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# 'ପୁସ୍ତକ ଅଧ୍ୟୟନ ଜ୍ଞାନର ବିକାଶ କରେ'

ଖୋର୍ଦ୍ଧା,୧୯।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଜୟୀ ରାଜଗୁରୁ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନା ଓ କୌଶଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ଡ.ଶଶାଙ୍କ ଶେଖର ରଥ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଦେବରାଜ ପ୍ରଧାନ, ଭକ୍ତବଲ୍ଲଭ ଜେନା, କାଉନ୍‌ସିଲର ଦିଲ୍ଲୀପ କୁମାର ପରିଡ଼ା, ଅମୀୟ କୁମାର ପରିଡ଼ା, ମୁଖ୍ୟ ବକ୍ତାଭାବେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୁସ୍ତକ ଅଧ୍ୟୟନ ଜ୍ଞାନର ବିକାଶ ବୃଦ୍ଧି କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଆର୍ତ୍ତତ୍ରାଣ ତରାଇ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜଗଦ୍ଦେବ ସଂଯୋଜନା କରିଥିଲେ ।


କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଏବଂ ଅନ୍ୟ ଅତିଥି।

ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କେରଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ସରପଞ୍ଚ ମକ୍‌ରୁର ହୁସେନ୍,ଏବିଇଓ ସ୍ୱର୍ଣ୍ଣଲତା ସାମନ୍ତରାୟ, କେରଙ୍ଗ କଲେଜ ଅଧ୍ୟକ୍ଷା ବିଦ୍ୟୁତ୍‌ପ୍ରଭା ଜେନା, ମନିର୍ ଉଦ୍ଦିନ୍ ଖାଁ, ହରିମୁଦ୍ଦିନ୍ ଖାଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ଆନନ୍ଦ ଚନ୍ଦ୍ର ବେହେରା, ଶିକ୍ଷକ ଶତ୍ରୁଘ୍ନ ଛୋଟରାୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ଥାନୀୟ ବଘେଇଟାଙ୍ଗୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏବିଇଓ ସତ୍ୟବାନ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର କାବ୍ୟ, କବିତା, ଏକାଙ୍କିକା, ନାଟକ ଓ ଶିଶୁ ସାହିତ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ କ୍ଲବର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ରାଉନ୍‌ସୁଗାର ପରେ କୋରେକ୍ସ ବିକ୍ରି ବଢ଼ୁଛି

### ୧୭.୫ଲିଟର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର ପରେ କେରେକ୍ସ କାରବାର ବଢ଼ିବାରେ ଲାଗିଛି। ଶୁକ୍ରବାର ଟାଉନ ଥାନା ପୋଲିସ ନୂଆ ହସ୍ପିଟାଲ ରୋଡ୍‌ରୁ ୧୭ଲିଟର ୫ଶହ ଏମଏଲ କୋରେକ୍ସ ଜବତ କରିବା ସହ ପ୍ରକାଶ ନାୟକ ଓରଫ ମନୁ(୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ୪୦/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ପ୍ରକାଶ କୋରେକ୍ସ ବିକ୍ରି କରୁଥିବା ଖବରପାଇ ଏକ ଟିମ୍ ଚଢ଼ାଉ କରିବା ବେଳେ ତାଙ୍କ ଠାରୁ ଜବତ ହୋଇଥିଲା। ଅନ୍ୟପଟେ ବ୍ରାଉନ୍‌ସୁଗାର କରାବାର ଥମୁ ନ ଥିବା ବେଳେ ଏବେ କୋରେକ୍ସ ବିକ୍ରି ପୋଲିସର ମୁଣ୍ଡବ୍ୟଥା ବଢାଇଛି। ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ କୋରେକ୍ସ ଆସୁଛି। ବିଭିନ୍ନ ପାନଦୋକାନ, ଔଷଧ ଦୋକାନରେ ବେଧଡକଭାବେ ବିକ୍ରି ଚାଲିଛି। ତେବେ ଏତେ ପରିମାଣର କୋରେକ୍ସ କେଉଁଠି ଆସୁଛି, କିଏ ଏହାର ମାଷ୍ଟରମାଇଣ୍ଡ, ତାହାକୁ ନେଇ ଚର୍ଚ୍ଚା ଯୋର ଧରିଛି।

## କଳାକାର ସୁଧାଂଶୁଙ୍କ ସଙ୍ଗୀତ ସାଧନା ଚିରସ୍ମରଣୀୟ




ବେଗୁନିଆ,୧୯।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଚକାପଦା ଗ୍ରାମର କଳାକାର ତଥା ବିଶିଷ୍ଟ ଗାୟକ ସୁଧାଂଶୁ ଶେଖର ପଣ୍ଡାଙ୍କ ସ୍ମୃତି ଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏକାଦଶାହ ଅବସରରେ ବାସଭବନ ପରିସରରେ ତ୍ରିନାଥ ଦେବ ପରିଚାଳନା ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସର୍ବେଶ୍ୱର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ରଙ୍କ ମଙ୍ଗଳା ଚରଣ ପାଠ ସହ ସୁଧାଂଶୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ନାଟ୍ୟକାର ଡ.ବନବିହାରୀ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଗତ ସୁଧାଂଶୁଙ୍କ ଅନନ୍ୟ ସଙ୍ଗୀତ ସାଧନା ଓ ପ୍ରତିଭା ସମ୍ପନ୍ନ କଳା ଅଞ୍ଚଳବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗାୟକ ବସନ୍ତ କୁମାର ଦାସ, କବି ଲକ୍ଷ୍ମୀଧର ମହାରଣା, ବୈକୁଣ୍ଠ ନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ନାଥ ପଣ୍ଡା, ରାଜନ ପାତ୍ର, ନୀଳାଞ୍ଚଳ ବେହେରା, ହରିହର ମହାପାତ୍ର, ଅଭିନ୍ନ ବେହେରାଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇ ସୁଧାଂଶୁଙ୍କ ସ୍ମୃତିଚାରଣ କରିଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନ୍ୟା ପ୍ରିୟଦର୍ଶିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଖେଳ ପ୍ରତି ଆଗ୍ରହ ସୃଷ୍ଟି କରେ କ୍ରୀଡ଼ା ଉତ୍ସବ


କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ,୧୯।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ନିରଞ୍ଜନପୁରସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ପ୍ରତାପ ଚନ୍ଦ୍ର ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦେବରାଜ ବେହେରା, ସରପଞ୍ଚ ମନୋଜ ବେହେରା, ଅକ୍ଷୟ କୁମାର ପାଲଟାସିଂ, ମୁଖ୍ୟ ବକ୍ତା ଭିକାରି ଧଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବ୍ଲକ ଅଧ୍ୟକ୍ଷ ଜୟନ୍ତୀ ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଅକ୍ଷୟ କୁମାର ଦାସ, କନ୍ତିଆ ପଞ୍ଚାୟତ ସମିତି ସଭ୍ୟ ଭୀମସେନ ଭୁଜବଳ, କୃଷ୍ଣଚନ୍ଦ୍ର ମଉଗଜସିଂ ଏବଂ ଯୋଗେନ୍ଦ୍ର ଭୁଜବଳ ଯୋଗଦେଇଥିଲେ। କ୍ରୀଡା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି କରେ ବାର୍ଷିକ କ୍ରୀଡା ଉତ୍ସବ ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ସିନିୟର ବିଭାଗରେ ରୋହିତ ପ୍ରଧାନ ଏବଂ ବାଳିକା ସିନିୟରରେ ପ୍ରିୟଦର୍ଶିନୀ ଭୁଜବଳ ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବାଳକ ବିଭଗରେ ଶୁଭମ ମହାକୁଡ଼ ଏବଂ ବାଳିକାରେ ସ୍ନେହାଞ୍ଜଳି ବେହେରା ଚାମ୍ପିୟନ ହୋଇଛନ୍ତି। ନରେନ୍ଦ୍ର ମୁଦୁଲି, କିଶୋର କୁମାର ସୁବୁଦ୍ଧିଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗଣେଶ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

ଟାଙ୍ଗୀ,୧୯।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, ଡ.ରେଣୁବାଳା ସାମନ୍ତରାୟ, ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର, ଅଧ୍ୟାପିକା ସସ୍ମିତା ସାହୁ ଓ ଅଧ୍ୟାପକ ଅଭିରାମ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ନେଇ ଜ୍ଞାନ ଆହରଣ ଓ ଲୁକ୍କାୟିତ ପ୍ରତିଭାର ଉନ୍ନତି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ରତ୍ନାକର ମହାପାତ୍ର, ଦିଲ୍ଲୀପ କୁମାର ବେହେରା, ମନମୋହନ ନାୟକ, ବିଶ୍ୱଜିତ୍ ପଟ୍ଟନାୟକ, ଅଭିରାମ ମିଶ୍ର, ଆଲୋକ ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ଜଙ୍କିଆ ଛକରେ ବିଶ୍ରାମାଗାର ନିର୍ମାଣ ହେଉ

ନିରାକାରପୁର,୧୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ଜରୁରୀକାଳୀନ ବସ୍‌ଷ୍ଟାଣ୍ଡରେ ପୂର୍ବରୁ ଯାତ୍ରୀ ବିଶ୍ରାମାଗାର ରହିଥିଲା। ତେବେ ଏହି ରାସ୍ତାର ପ୍ରଶସ୍ତୀକରଣ ହେବା ଯୋଗୁ କେତେକ ସ୍ଥାନରେ ବସ୍‌ଷ୍ଟାଣ୍ଡଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଏବେ ଆବଶ୍ୟକ ସ୍ଥାନରେ ଓଭରବ୍ରିଜ ସହ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ସରିଛି। ହେଲେ ଯେଉଁଠାରେ ଯାତ୍ରୀ ବିଶ୍ରାମାଗାର ଭଙ୍ଗାଯାଇଥିଲା ସେଠାରେ ପୁନଃ ନିର୍ମାଣ ହୋଇନାହିଁ। ଫଳରେ ଯାତ୍ରୀମାନେ ଖରା, ବର୍ଷାରେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି। ଏଭଳି ଦୃଶ୍ୟ ୧୬ନମ୍ବର ଜାତୀୟ ରାଜପଥର ଜଙ୍କିଆ ଛକଠାରେ ଦେଖିବାକୁ ମିଳିଛି। ଏହି ଜାତୀୟରାଜପଥ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବାରୁ ଏହି ଛକ ଏବେ ଯାତ୍ରୀଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ତେଣୁ ଏହି ଛକ ଉପରେ ନିର୍ଭର କରୁଥିବା ଯାତ୍ରୀଙ୍କ ହିତ ଦୃଷ୍ଟିରୁ ବିଭାଗ ପକ୍ଷରୁ ଏଠାରେ ତୁରନ୍ତ ଏକ ବିଶ୍ରାମାଗାର ନିର୍ମାଣ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଅନ୍ତର୍ଜାତୀୟ ମାଣ୍ଡିଆ ମିଶନ ଅଭିଯାନ

କୃଷ୍ଣପ୍ରସାଦ,୧୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ପଞ୍ଚାୟତ ବଳରାମପୁର ଠାରେ ଅନ୍ତର୍ଜାତୀୟ ମାଣ୍ଡିଆ ମିଶନ ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ମଣ୍ଡିଆ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଗ୍ରାମସେବକ ସନ୍ତୋଷ ଶବର, ସହାୟକ ସଂସ୍ଥା ସଦସ୍ୟ ତାରିଣୀ ନାୟକ, ଭିକାରୀ ଚରଣ ଦାସ ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷ ଅଧିକ ଅମଳ କିଭଳି କରାଯାଇପାରିବ ସେ ଦିଗରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଏଥିରେ ବଳରାମପୁରର ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇ ବିଭିନ୍ନ ଆବଶ୍ୟକତା ଦିଗରେ ମତପ୍ରକାଶ କରିଥିଲେ। ଏହି ଅବସରେ ଚଳିତ ବର୍ଷ ମାଲୁଦ ପଞ୍ଚାୟତରେ ମାଣ୍ଡିଆ ଭଲ ଅମଳ କରିଥିବା ଚାଷୀ ହରିଶ୍ଚନ୍ଦ୍ର ସାହୁଙ୍କୁ କୃଷି ଅଧିକାରୀ ପୁରସ୍କୃତ କରିବା ସହିତ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ସମ୍ପର୍କରେ ସମସ୍ତ ଚାଷୀଙ୍କୁ ଅବଗତ କରାଇଥିଲେ।

## ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ସାଲୁଣି କ୍ଲବ

ବୋଲଗଡ଼,୧୯।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମଣିକାଗୋଡ଼ା ଗ୍ରାମର ଦିବଂଗତ ସେନା କର୍ମଚାରୀ ଜୟକୃଷ୍ଣ ଦଳାଇଙ୍କ ସ୍ମୃତିରେ ହୀରାଧର ଖେଳପଡ଼ିଆରେ ଚାଲିଥିବା ପ୍ରଥମ ବାର୍ଷିକ ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ଓ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମାଣିକାଗୋଡ଼ା କ୍ରିକେଟ କ୍ଲବ ଓ ପଣ୍ଡୁସର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ମାଣିକାଗୋଡ଼ା ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବିରୁଡ଼ା କ୍ରିକେଟ କ୍ଲବ ଓ ସାଲୁଣି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ସାଲୁଣି କ୍ଲବ ବିଜୟୀ ହୋଇଥିଲା। ଅପରାହ୍ନରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ମାଣିକାଗୋଡ଼ା କ୍ଲବ ଓ ସାଲୁଣି କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ସାଲୁଣି କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସନ୍ତୋଷ କୁମାର ଜେନା, ଚନ୍ଦନ ମହାପାତ୍ର ଏବଂ ଦୀପକ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଅଭିଜିତ ଦଳାଇ ଓ ଅମିତ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ଦୀପକ କୁମାର ଦଳାଇ ଓ ପପୁ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହାଟସାହିର ବେଲବାୟାଣୀ କ୍ରିକେଟ କ୍ଲବ ଆୟୋଜନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ ପାର୍ଥସାରଥୀ ପ୍ରଧାନ, ପ୍ରତାପ ମାର୍ଥା, ପ୍ରଭାତ ପ୍ରଧାନ, ଟୁଟୁ ଦଳାଇ, ଚଗ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।


ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥିମାନେ।

## ଏକଦିବସୀୟ କବାଡ଼ି ଟୁର୍ନାମେଣ୍ଟ: ବିଜିପୁର ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

ବୋଲଗଡ଼,୧୯।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମ ନୀଳକଣ୍ଠେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଏକଦିବସୀୟ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମାଣିକାଗୋଡ଼ା ଭେଟେରାନ ଟିମ୍, କୁମୁଟିସାହିର ମା'ମହିଷାମର୍ଦ୍ଦିନୀ ବାବାଜୀ ମେମୋରିଆଲ ଟିମ୍, କାଳିକାପ୍ରସାଦ, ଜେମାଦେଇପୁର, କାଉତରା, ଜଗନ୍ନାଥପ୍ରସାଦ, ବିଜିପୁର ଆଦି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କାଳିକାପ୍ରସାଦ ଓ ବିଜିପୁର ଟିମ୍ ମଧ୍ୟରେ ହୋଇଥିଲା। ୨୯-୧୭ ପଏଣ୍ଟରେ ବିଜିପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଅତିଥିମାନେ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଇଂ.କର୍ପୁର ସାହୁ, ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ଖବରଦାତା ମନୋରଞ୍ଜନ ମିଶ୍ର, ଆରିକିମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ସମବାୟବିତ୍ ବିରଞ୍ଚି ପ୍ରଧାନ, ଅଶୋକ କୁମାର ପ୍ରଧାନ, ଦିଗନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ଜୟକୃଷ୍ଣ ରାଉତରାୟ, ଦୈତାରୀ ଦିଗଲ, ପ୍ରମୋଦ ବାରିକ, ମନୋଜ ମାଝୀ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଚୌଦ୍ୱାର ବିଜୟୀ

ଖୋର୍ଦ୍ଧା,୧୯।୧(ପ୍ରଭାତ ପାଣିଗ୍ରାହୀ)

କାଇପଦର ସତ୍ୟପୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ଶୁକ୍ରବାର ମଞ୍ଚେଶ୍ୱର ଓ ଚୌଦ୍ୱାର ମଧ୍ୟରେ ମ୍ୟାଚ୍ ହୋଇଥିଲା। ସ୍ଥାନୀୟ ଖେଳପଡିଆରେ ଆୟୋଜିତ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ଚୌଦ୍ୱାର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୯୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲିପନ ବିଶ୍ୱାଳ ୫୪, ପପୁ ଚାନ୍ଦ ୩୪ ଏବଂ ସଂଗ୍ରାମ ମାଝି ୩୯ରନ ସଂଗ୍ରହ କରିଥିଲେ। ଜବାବରେ ମଞ୍ଚେଶ୍ୱର ଟିମ ୯ ଉଇକେଟ ବିନିମୟରେ ୧୯୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମହାପାତ୍ର ୬୧(୩୩), ଦିପକ ପରିଡା୩୨(୧୭) ଏବଂ ରାକେଶ ଖଣ୍ଟିଆ ୪୧(୨୨) ରନ ସଂଗ୍ରହ କରିଥିଲେ। ଚୌଦ୍ୱାର ଟିମର ଲିପନ ବିଶ୍ୱାଳ ୩୪ ବଲରୁ ୫୪ ରନ ଏବଂ ୪ ଓଭର ବୋଲିଂ କରି ୩ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ' ସୁରେନ୍ଦ୍ର ଚମ୍ପତିରାୟ ଓ ଝଜକିଶୋର ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଟିଟନ ରାଉତରାୟ ଓ ସୁରଜ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି ମୁଖ୍ୟ ଅତିଥି, ଶୁଭ୍ରାଂଶୁ ଚମ୍ପତିରାୟ, ଶ୍ୟାମସୁନ୍ଦର ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



**ବଟି ମାଗି ଯୁବକ ଗିରଫ**

ପୁରୀ,(ଅଜିତ୍ ମହାନ୍ତି): ଆକ୍ରମଣ ଓ ଦାଦାବଟି ମାଗିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଶଗଡିଆ ସାହିର ରୋହନ କୁମାର ଦଳାଇ (୨୪)। ଏ ନେଇ ଏକ କେସ୍ (ନଂ. ୨୨/୨୪) ରୁଜୁ ହୋଇଛି। ଅଭିଯୁକ୍ତ ରୋହନ ତାଙ୍କୁ ଆକ୍ରମଣ କରିବା ସହ ଦାଦାବଟି ମାଗିଥିବା ନେଇ ଶଗଡିଆ ସାହିର ଜୟଦେବ ଦଳବେହେରା ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୧।୨୦୨୪

| | |
|---|---|
| ୪,୬୮,୨୪୮ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ୍ |
| ରୁପା | ୧୦୫.୪୦୦ ଗ୍ରାମ୍ |

# ଆବଣ୍ଟନ ହୋଇନି ମାର୍କେଟ କମ୍ପ୍ଲେକ୍ସ ଗୃହ

ନିମାପଡ଼ା,୧୯।୧(ବିଚିତ୍ରାନନ୍ଦ ସାହୁ)



ବସ୍‌ଷ୍ଟାଣ୍ଡଠାରେ ନବନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ ଗୃହ।

ନିମାପଡ଼ା ଏନ୍ଏସି ପକ୍ଷରୁ ଗରିବ ବେକାରି ଯୁବକ ଓ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଏନ୍ଏସି ପକ୍ଷରୁ ନିମାପଡ଼ା ନୂତନ ବସ୍‌ଷ୍ଟାଣ୍ଡଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଛି। ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏଥିରେ ୧୬ ବଖରା ବିଶିଷ୍ଟ ଗୃହ ନିର୍ମାଣ ହୋଇଛି। ଏହି ନୂତନ ମାର୍କେଟ୍ କମ୍ପ୍ଲେକ୍ସ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ୨୦୨୨ ଅଗଷ୍ଟ ୩୧ରେ ଏନ୍ଏସିର ସ୍ୱାୟତ୍ତଶାସନ ଦିବସରେ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ଉଦ୍‌ଘାଟନକୁ ଇତି ମଧ୍ୟରେ ୧୬ ମାସ ବିତିଯାଇଥିଲେ ମଧ୍ୟ ବ୍ୟବସାୟୀଙ୍କୁ ଅଦ୍ୟାବଧି ଏହି ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନ କରାଯାଇନାହିଁ। ଏହି ଦୋକାନ ଗୃହ ବଣ୍ଟନ କରାଯିବାରେ କାହିଁକି ଅହେତୁକ ବିଳମ୍ବ ଘଟୁଛି, ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ। କେବେ ଏହି ଗୃହ ବଣ୍ଟନ ହେବ, ବ୍ୟବସାୟୀ ଏହାର ସୁଫଳ କେବେ ପାଇବେ ତାହା ପୌରବାସୀଙ୍କ ମଧ୍ୟରେ ଘୋର ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଏନ୍ଏସି ପକ୍ଷରୁ ପୂର୍ତ୍ତ ବିଭାଗ ଅଫିସ ଛକ, ଡେଲ୍‌ଟା ଛକଠାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୮ ବଖରା ବିଶିଷ୍ଟ ନୂତନ ଭେଣ୍ଡିଂ ଜୋନ୍ ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇ ୨୦୨୩ ଅଗଷ୍ଟ ୩୧ ସ୍ୱାୟତ୍ତଶାସନ ଦିବସରେ ଏହା ଉଦ୍‌ଘାଟିତ ହୋଇଯାଇଛି। ହେଲେ ଏହି ନବନିର୍ମିତ ଭେଣ୍ଡିଂ ଜୋନ୍ ଗୃହ ଉଦ୍‌ଘାଟନ ହେବାର ଇତି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ବ୍ୟବସାୟୀଙ୍କୁ ଏହି ନୂତନ ଭେଣ୍ଡିଂ ଜୋନ୍ ଗୃହ ବଣ୍ଟନ ହୋଇପାରିନାହିଁ। ଏହା କେବେ ବଣ୍ଟନ କରାଯିବ, ବ୍ୟବସାୟୀମାନେ କେବେ ଉପକୃତ ହେବେ, ତାହା ମଧ୍ୟ ସ୍ପଷ୍ଟ ଭାବେ ଜଣାପଡୁନାହିଁ। ଫଳରେ ଗୃହ ବଣ୍ଟନରେ ଅହେତୁକ ବିଳମ୍ବ ନେଇ ଉଚ୍ଛେଦ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ଏ ସମ୍ପର୍କରେ ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି, ଏନ୍ଏସିର ମାର୍ଗଦର୍ଶିକା, ନୀତିନିୟମ ଅନୁସାରେ ଏହି ନବନିର୍ମିତ ଦୋକାନ ଗୃହଗୁଡ଼ିକ ଆବଣ୍ଟନ କରାଯିବ, ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ମାର୍କେଟ୍ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ ଗୃହ ଆବଣ୍ଟନ କରାଯିବ।

### କମ୍ପ୍ଲେକ୍ସ ଉଦ୍‌ଘାଟନକୁ ୧୬ ମାସ ବିତିଲା

# ମା' ବିମଳା, ମଙ୍ଗଳା, ରାମଚଣ୍ଡୀଙ୍କୁ ନିମନ୍ତ୍ରଣ


ନିମନ୍ତ୍ରଣ ପତ୍ର ନେଇ ପୁରୀ ଆସିଥିବା ପ୍ରତିନିଧି ଦଳ ।

ପୁରୀ, ୧୯।୧(ଅଜିତ୍ ମହାନ୍ତି):

ପଶ୍ଚିମ ଓଡ଼ିଶାର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସମଲେଶ୍ୱରୀ ମନ୍ଦିର ପକ୍ଷରୁ ରାଜ୍ୟର ବିଭିନ୍ନ ଦେବଦେବୀପୀଠକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ସମଲେଶ୍ୱରୀ ମନ୍ଦିର ପୂଜକ ସଂକୀର୍ତ୍ତନ ରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ସନ୍ତୋଷ ପୁରକ୍ଷେଠ ଓ ସମ୍ବଲପୁର ଜିଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝି ପୁରୀ ଆସି ଶ୍ରୀମନ୍ଦିରରେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସଂକୀର୍ତ୍ତନ ମାଧ୍ୟମରେ ସେମାନଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ସ୍ୱାଗତ କରିଥିଲେ। ସମଲେଇ ପ୍ରକଳ୍ପ ନିମନ୍ତ୍ରଣକାରୀ ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ଉଦ୍ଦେଶ୍ୟରେ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ମା' ବିମଳାଙ୍କ ବରିଷ୍ଠ ପୂଜକମାନଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପରେ କୋଣାର୍କ ରାମଚଣ୍ଡୀ ମନ୍ଦିରକୁ ଯାଇ ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ମଦନମୋହନ ମହାପାତ୍ର, ସଞ୍ଜୟ ପଣ୍ଡା, ଲିଙ୍ଗରାଜ ପଣ୍ଡା, ବୁଢ଼ା ମହାପାତ୍ର, ଉପେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଶେଷରେ କାକଟପୁରର ମା' ମଙ୍ଗଳା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ତାପସ କୁମାର ଦୀକ୍ଷିତ, ମାନସ କୁମାର ଦୀକ୍ଷିତ, ନଳିନୀକାନ୍ତ ଦୀକ୍ଷିତ, ମନ୍ଦିର ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ପୂଜାପଣ୍ଡା ତପନ କୁମାର ଦୀକ୍ଷିତଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ୬ତାରିଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମଲେଶ୍ୱରୀ ପୀଠରୁ ନିମନ୍ତ୍ରଣପତ୍ର ପହଞ୍ଚିଥିବା ବେଳେ ଆସିଥିବା ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିରରେ ନିମନ୍ତ୍ରଣ ପତ୍ର ପ୍ରଦାନ କରି ଉତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ।

### ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ

## ସଂକ୍ଷେପରେ

### ସାଇଁଶ ପଞ୍ଚାୟତ ବୁଲିଲା ଶ୍ରୀରାମ ଅକ୍ଷତ କଳସ ରଥ

ନିମାପଡ଼ା,୧୯।୧(ରଞ୍ଜନ କୁମାର ପଟ୍ଟନାୟକ):

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶ୍ରୀରାମ ଅକ୍ଷତ କଳସ ଶୋଭାଯାତ୍ରା ସୁସଜ୍ଜିତ ରଥ ସମଗ୍ର ଦେଶରେ ପରିକ୍ରମା କରୁଛି। ଏହି ଅବସରରେ ଶ୍ରୀରାମ ଅକ୍ଷତ କଳସ ରଥ ନିମାପଡ଼ା ବ୍ଲକ ଅଧୀନ ସାଇଁଶ ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ ଓ ଭାଜପା ନେତୃତ୍ୱ ଦିଲ୍ଲୀପ ନାୟକ ପ୍ରମୁଖ ସାମିଲ ହୋଇ ଘରକୁ ଘର ବୁଲି ଅରୁଆ ଚାଉଳ, ଗୁଆ ପ୍ରଦାନ କରିବା ସହିତ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ ହେବା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ରଥକୁ ଗ୍ରାମବାସୀ ଫୁଲ,ଦୀପ ଏବଂ ଧୂପ ଦେଇ ସ୍ୱାଗତ କରିଥିଲେ। ହରିବୋଲ, ହୁଳହୁଳି ଏବଂ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆସନ୍ତା ୨୨ତାରିଖରେ ସମସ୍ତେ ସାତ୍ତ୍ୱିକ ଖାଦ୍ୟ ଭୋଜନ କରିବା ସହିତ ଘରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପାବଳି ପାଳନ କରିବାକୁ ଅନୁରୋଧ କରାଯାଇଥିଲା।

### ବଳାତ୍କାର ଉଦ୍ୟମ: ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ଗୋପ, ୧୯।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଘରେ ଏକୁଟିଆ ଥିବା ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗ ଭିତ୍ତିରେ ଗୋପ ଥାନାରେ କେସ୍ ନମ୍ବର ୨୬/୨୪ ରୁଜୁ କରିଛି। ତେବେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ପ୍ରକାଶ ଯେ, ଗତ ୧୫ ତାରିଖ ରାତିରେ ନୟାହାଟ ଫାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ଯାତ୍ରା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ଘରେ ଜଣେ ଯୁବକ ବିଳମ୍ବିତ ରାତ୍ରରେ ପଶି ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ୧୬ ତାରିଖରେ ନୟାହାଟ ଫାଣ୍ଡିରେ ମହିଳା ଜଣଙ୍କ ଅଭିଯୋଗ କରିଥିଲେ। ଗୋପ ପୋଲିସ ଏ ସମ୍ପର୍କରେ କେବଳ କେସ୍ ରୁଜୁ କରି ଚୁପ୍ ବସିଛି। ଅନ୍ୟପକ୍ଷରେ ଫାଣ୍ଡି ଅଧିକାରୀ କୁନାଲ କୁମାର କହିଛନ୍ତି, ମାମଲା ହୋଇଛି। ତେବେ ଅଭିଯୁକ୍ତଙ୍କୁ ମୁଚାଲିକାରେ ଛଡ଼ାଯିବ।

### ଏସି ଶେଡ୍‌ରେ ବିଦ୍ୟୁତ୍ ବିଭ୍ରାଟ

ପୁରୀ, ୧୯।୧(ଅଜିତ୍ ମହାନ୍ତି)

ଭକ୍ତଙ୍କ ସୁଗମ ତଥା ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ଚଳିତବର୍ଷ ପହିଲାରୁ ଏସି ଶେଡ୍ ପାଥ୍‌ୱେ କାର୍ଯ୍ୟକାରୀ କରାଯାଇଥିଲା। ଫଳରେ ଭକ୍ତମାନେ ଏହି ଶୀତତାପ ନିୟନ୍ତ୍ରିତ ଶେଡ୍ ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଶେଡ୍ ପ୍ରସ୍ତୁତ ହୋଇଥିଲା। ନୂଆ ବ୍ୟାରିକେଡ୍ ଓ ଅନ୍ୟାନ୍ୟ ସରଞ୍ଜାମ ଖଞ୍ଜା କାମ ହୋଇଥିଲା। ତେବେ ଏହି ଏସି ଶେଡ୍ କାର୍ଯ୍ୟକ୍ଷମ ହେବାର ୨୦ ଦିନ ନ ପୂରୁଣୁ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତଜନିତ ବିଭ୍ରାଟ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶେଡ ଦେଇ ଯାଉଥିବା ବେଳେ କିଛି ସମୟ ପାଇଁ ବିଦ୍ୟୁତ୍ ଚାଲିଯାଇଥିଲା। ଫଳରେ ଧାଡ଼ିରେ ଥିବା ଭକ୍ତମାନେ କିଛି ସମୟ ପାଇଁ କଳବଳ ହୋଇଥିଲେ। ବରିଷ୍ଠ ନାଗରିକଙ୍କ ସହ ଛୋଟ ପିଲା ମଧ୍ୟ ଅନ୍ଧାରରେ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ତେବେ ଖବର ପାଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଆସି ମରାମତି କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ପୂର୍ବରୁ ମଧ୍ୟ ଶେଡ୍‌ର ଏସିରେ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ତେବେ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିଲା।

# ପିଲାଙ୍କ ଭବିଷ୍ୟତ ଗଢ଼ିବ 'ମୋ କଥା ମୋ କାହାଣୀ'



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

ସାକ୍ଷୀଗୋପାଳ, ୧୯।୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ବାଳକ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତାର ଉତ୍ସବ 'ଆସ ଦେଖିବା ଆମ ଶିଶୁ ପ୍ରତିଭା, ମୋ କଥା ମୋ କାହାଣୀ,' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଣବ ମିଶ୍ର, ମୁଖ୍ୟ ବକ୍ତା ଶିକ୍ଷାବିତ୍ ସୁନନ୍ଦା ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଅଭିଭାବକ କମିଟି ସଭାପତି ଚକ୍ରଧର ମହାରଣା ଓ ଉପସଭାପତି ବର୍ଷାରାଣୀ ମେକାପ ଯୋଗଦେଇଥିଲେ। ଅତିଥିମାନେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସେବା ପୀଠରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରାଇ ସାରସ୍ୱତ ସୃଜନଶୀଳତା ମନୋଭାବକୁ ଅଭିବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା 'ମୋ କଥା ମୋ କାହାଣୀ' ଆଗାମୀ ଦିନରେ ଭଲ ଭବିଷ୍ୟତ ଗଢିବ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ପ୍ରସ୍ତୁତ କରିଥିବା ସାହିତ୍ୟ ସୃଜନୀ, ଭାଷାର ବିକାଶ, ସୃଜନଶୀଳତା, କୌଶଳୀ, କ୍ରୀଡ଼ାଙ୍ଗନ ଓ ଜିଜ୍ଞାସା ଆଦିରେ ୬୦ ନିଜସ୍ୱ ପାଣ୍ଡୁଲିପିରେ ପ୍ରସ୍ତୁତ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚୟନ କାର୍ଯ୍ୟ ସୌଦାମିନୀ ନାୟକ, କୃଷ୍ଣପ୍ରିୟା ଦାଶ, ବିଶ୍ୱନାଥ ସ୍ୱାଇଁ, ପୂଜା ମିଶ୍ର ସମ୍ପାଦନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ର, ବସନ୍ତ ସ୍ୱାଇଁ, ଚିନ୍ମୟୀ ଜେନା, ପୁନମ କୁଣ୍ଡୁ, ପ୍ରତୀକ୍ଷା ମିଶ୍ର, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗୀତାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।

## ଧନୁଆ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

ବଳଙ୍ଗା,୧୯।୧(କେଦାରେଶ୍ୱର ନନ୍ଦ):

ବଳଙ୍ଗା ଥାନା କୋଠକୁସାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧନୁଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ପିଲା କେତେ ନମ୍ବର ରଖିବ ସେ ବିଷୟରେ ଚିନ୍ତା କର ନାହିଁ ବରଂ ସେ କ'ଣ ଆଗ୍ରହ ପ୍ରକାଶ କରୁଛି ସେ ବିଷୟରେ ଧ୍ୟାନ ଦେବା ପାଇଁ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶିକ୍ଷକ ଜଗବନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଠକୁସାଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ସମିତି ସଭ୍ୟା ପ୍ରାର୍ଥନା ନାୟକ, ଜିଲା ସହଶିକ୍ଷା ଅଧିକାରିଣୀ ମମତା ମିଶ୍ର, ବ୍ଲକ ସହଶିକ୍ଷା ଅଧିକାରିଣୀ ସୌଦାମିନୀ ଦାଶ, ସମାଜସେବୀ ଶ୍ରୀକାନ୍ତ ପଟ୍ଟନାୟକ, ପ୍ରଦ୍ୟୁମ୍ନ ରଥ, ମଙ୍ଗରାଜ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। 'ମୋ କଥା ମୋ କାହାଣୀ' ପୁସ୍ତକ ବିଧାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଗଣେଶ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ଭାଷାକୁ ବୃତ୍ତିଗତ ଜୀବନ ସହ ଯୋଡ଼ିବା ନେଇ ଆଲୋଚନା

ସାକ୍ଷୀଗୋପାଳ,୧୯।୧(ଭରତ ରାଉତ):

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ମଞ୍ଚରେ ଓଡ଼ିଆ ଭାଷାକୁ ବୃତ୍ତିଗତ ଜୀବନ ସହ ଯୋଡ଼ିବା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ +୨ ନୋଡାଲ ଅଫିସର ଡ. କଳ୍ପନା କୁମାରୀ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ବେଦ ପାଠ କରିଥିଲେ। ସଭାରେ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ହରପ୍ରସାଦ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ଓ ବୃତ୍ତିଗତ ଜୀବନ ସହ ଏହାକୁ ଯୋଡ଼ିଲେ ଓଡ଼ିଆ ଭାଷାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାକୁ ନେଇ ଅଧ୍ୟୟନ କଲେ ଭବିଷ୍ୟତ ଉଜ୍ଜଳମୟ ହେବ ବୋଲି କହିଥିଲେ। କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ବଟୁ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷାର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। +୩ ନୋଡାଲ ଅଫିସର ଓଡ଼ିଆ ବିଭାଗ ମୁଖ୍ୟ ଡ. ସଙ୍କର୍ଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କଳ୍ପନା କୁମାରୀ ମହାପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ଜନତା ନୋଡାଲ ବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୧୯।୧(ରଞ୍ଜନ ପଟ୍ଟନାୟକ):




ନିମାପଡ଼ାସ୍ଥିତ ଜନତା ନୋଡାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ବିଦ୍ୟାଳୟ ପ୍ରତିଷ୍ଠାତା ବିଶିଷ୍ଟ ସାମ୍ୟବାଦୀ ନେତା ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ୨୦ତମ ସ୍ମୃତିସଭା ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନିଲ ବିଶ୍ୱାଳ, ନିମାପଡ଼ା ଉପନଗରପାଳ ସନ୍ତୋଷ ଦାଶ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ବାମପନ୍ଥୀ ନେତା ତଥା ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କାଉନସିଲର ଅନସୂୟା ପାଣି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ନାୟକ ଏବଂ ସିଆର୍‌ସିସି ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବିବେଙ୍କିନି ଦାଶ, ସୁକାନ୍ତି ସ୍ୱାଇଁ, ତପସ୍ୱିନୀ ମହାନ୍ତି, ସ୍ମୃତି ନାୟକ, ପୂର୍ଣ୍ଣିମା ରାଉତ, ଶିକ୍ଷକ ଶିବପ୍ରସାଦ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଭୁବନେଶ୍ୱରରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

ନିମାପଡ଼ା,୧୯।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ କୁମାର ପଟ୍ଟନାୟକ):

ଦୁଇ ପରିବାର ମଧ୍ୟରେ ଲାଗିରହିଥିବା ଜମିଜମା ବିବାଦକୁ ନେଇ ୧୭ ତାରିଖ ବିଳମ୍ବିତ ରାତିରେ ଶିକ୍ଷକ ଅରୁଣ ମହାନ୍ତି ପରିବାର ସହିତ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଜେସିବି ଦ୍ୱାରା ତାଙ୍କ ଘର ଓ କାର୍‌କୁ ଭାଙ୍ଗିଦେଇଥିଲେ। ସେମାନେ ପୂର୍ବ ଯୋଜନା ମୁତାବକ ମାରଣାସ୍ତ୍ର ଧରି ଏଭଳି କାଣ୍ଡ ଭିଆଇଥିବା ଅରୁଣ କହିଛନ୍ତି। ଏ ନେଇ ଅରୁଣଙ୍କ ସ୍ତ୍ରୀ ପିଙ୍କି ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନକୁଳ ଲେଙ୍କା, ତାଙ୍କ ଭାଇ ଗଗନ ଲେଙ୍କା ଓ ଅନ୍ୟ ଅଭିଯୁକ୍ତଙ୍କ ନାମରେ ନିମାପଡ଼ା ଥାନାରେ କେସ୍ ନମ୍ବର ୨୬/୨୦୨୪ ଦଫା ୧୪୭, ୧୪୮, ୪୪୮, ୨୯୪, ୪୨୭, ୫୦୬, ୧୪୯, ଆର୍ମସ ଆକ୍ଟ ୧୯୫୯ - ୨୫ ଓ ୧୯୫୯ - ୨୬ରେ ସଙ୍ଗିନ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ଗଗନଙ୍କୁ ଭୁବନେଶ୍ୱରରୁ ପୋଲିସ ଧରିଆଣି ନିମପାଡ଼ା ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ପୋଲିସ ଚଢ଼ାଉ ଜାରିରଖିଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ମିଳିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

### ରାତି ଅଧରେ ଶିକ୍ଷକଙ୍କ ଘରଭଙ୍ଗା ଘଟଣା

# ଭାଷା ସାହିତ୍ୟ, ସୃଜନଶୀଳତାର ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ପିପିଲି, ୧୯।୧(ପ୍ରଭାତ କୁମାର ମହାପାତ୍ର)

ପିପିଲି କଣ୍ଟି ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଂଗ୍ରାମ କେଶରୀ ପରିଡା, ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭାଷା ସାହିତ୍ୟରେ ସୃଜନଶୀଳତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟର ପ୍ରଧାନ ଶିକ୍ଷକ ଜଗଦିଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ଅତିଥି ପରିଚୟ ପ୍ରଦାନ ଓ ସୁଜାତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୈଳଧି ରାଜତନୟା ଶତପଥୀ ଏବଂ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଉଚ୍ଛେଦ ଉଠାଦୋକାନୀଙ୍କୁ ଥଇଥାନ କରାଯାଉ'

ପୁରୀ, ୧୯।୧(ଅଜିତ୍ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ପୁରୀ ଆସିଥାନ୍ତି। ଫଳରେ ଅନେକ ସମୟରେ ବଡ଼ଦାଣ୍ଡରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ବସୁଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ତେବେ ସମ୍ପୃକ୍ତ ଉଠାଦୋକାନୀମାନଙ୍କୁ ପୁନଃ ଥଇଥାନ ଦାବିରେ ଭାରତୀୟ ଜନତା ପାର୍ଟି ପୁରୀ ଶାଖା ତରଫରୁ ଶୁକ୍ରବାର ବଗଲା ଧର୍ମଶାଳା ସମ୍ମୁଖରେ ଅହରାତ୍ର ଧାରଣା ଦିଆଯାଇଛି। ଧାରଣାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ମରିଚିକୋଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନୀଙ୍କୁ ପୁଣି ଥଇଥାନ କରାଯାଉ। ଟ୍ରାଫିକ ଦୃଷ୍ଟିରୁ ଯଦି ପ୍ରଶାସନ ଶ୍ରୀମନ୍ଦିରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଛି, ତେବେ ତାହା ବର୍ତ୍ତମାନ ଯଥାର୍ଥ ନୁହେଁ। ଶ୍ରୀସେତୁ ଓ ଶ୍ରୀଦାଣ୍ଡ ନେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବେ। ତେଣୁ ଟ୍ରାଫିକ ସମସ୍ୟା ହେବ ନାହିଁ। ଉଠାଦୋକାନୀଙ୍କୁ ଉଚ୍ଛେଦ ଫଳରେ ଲୋକେ ଜଳଖିଆ, ପାନ ସହ ବିଭିନ୍ନ ସାମଗ୍ରୀ ନ ପାଇ ସମସ୍ୟା ଭୋଗୁଛନ୍ତି। ତେଣୁ ମାର୍କେଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଦୋକାନୀଙ୍କୁ ଥଇଥାନ କରିବା ନିମନ୍ତେ ଷଡଙ୍ଗୀ ଦାବି କରିଛନ୍ତି। ଧାରଣାରେ ସିଂହଦ୍ୱାର ମଣ୍ଡଳ ସଭାପତି ରବିନାରାୟଣ ଦାଶ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଅନିତା ପଟ୍ଟନାୟକ, ସୌମ୍ୟ ମିଶ୍ର, ବାଦଲ ବେହେରା, ସଂଗ୍ରାମ କାନୁନ୍‌ଗୋ, ବିଜୟ ପ୍ରଧାନ, ସୁଦର୍ଶନ ରାହୁଲ, ବିକ୍ରମ ବରାଳ, ବ୍ରଜବନ୍ଧୁ ଦାସ, ଶିବ ନାରାୟଣ ଦାଶ, ବିଶ୍ୱଜିତ୍ ମହାନ୍ତି, ହରି ମହାପାତ୍ର, ବିରଞ୍ଚି ପାଇକରାୟ, ପ୍ରଦୀପ ନାୟକ ଏବଂ ପ୍ରସନ୍ନ ମିଶ୍ର ପ୍ରମୁଖ ସାମିଲ ଥିଲେ।

### ଭାଜପା ପକ୍ଷରୁ ଧାରଣା



ବଗଲା ଧର୍ମଶାଳା ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି ।

## ସଂକ୍ଷେପରେ

### ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟକ

କଟକ,୧୯।୧(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୮ ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଛନ୍ତି ବିଧାୟକ ଇଂ. ମହମ୍ମଦ ମୋକିମ। ସେ ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ରାସ୍ତାଘାଟ, ଡ୍ରେନେଜ୍, ପରିମଳ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ସେ ଓଡ଼ିଆ ବଜାରସ୍ଥିତ ସାଇ ମନ୍ଦିର ପରିଦର୍ଶନ କରିଥିଲେ। ଗଡଡ ସାହିରୁ ସାଇ ମନ୍ଦିର ଦେଇ ନେତାଜୀ ସଂଗ୍ରହାଳୟ ପର୍ଯ୍ୟନ୍ତ ସଂଯୋଗ କରିଥିବା ରାସ୍ତା ପ୍ରଶାସନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା କମିଟି ପକ୍ଷରୁ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ମୋକିମ କହିବା ସହ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବଜାର ସାହି ସମ୍ପାଦକ ଆଲୋକ ବେହେରା, ସଭାପତି ତପନ ମହାନ୍ତି, ପୂର୍ବତନ ସମ୍ପାଦକ ସୁବାଶିଷ ରଥ, ସେକ୍ ଲିଆକତ ଉଦ୍ଦୀନ ଅହମ୍ମଦ, ସେକ୍ ମିନାଜଉଦ୍ଦୀନ, ଇର୍ସାଦ ଖାନ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ ପାଇଁ ପ୍ରତି ପଞ୍ଚାୟତକୁ ମିଳିବ ୩ ଲକ୍ଷ

କଟକ ସଦର,୧୯।୧(ସୁଶାନ୍ତ କୁମାର ଜେନା)

ନୂଆ-ଓ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଆଖିଦୃଶିଆ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ଶୁକ୍ରବାର କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନଙ୍କୁ ସୂଚନା ଦେଇଥିଲେ। ପ୍ରତି ପଞ୍ଚାୟତକୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଲ୍‌ଇଡି ଲାଗିଥିବା ଗାଡ଼ି ପଞ୍ଚାୟତରେ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଚାର କରିବ। ଏହାଛଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଖୁବ୍‌ଶୀଘ୍ର ସରକାର ଏ ନେଇ ତାରିଖ ଘୋଷଣା କରିବେ। ତଦନୁଯାୟୀ କାର୍ଯ୍ୟକ୍ରମ କରାଯିବ ବୋଲି ଅତିରିକ୍ତ ବିଡିଓ ଦାସ କହିଛନ୍ତି।

### ୩୦ରେ ଶହୀଦ ଦିବସ ପାଳନ

କଟକ,୧୯।୧ (କାର୍ତ୍ତିକ ସାହୁ)

ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ପରିସରରେ ଆସନ୍ତା ୩୦ ତାରିଖରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଅବସରରେ ଶହୀଦ ଦିବସ ପାଳନ କରାଯିବ। ସେଠାରେ ୩ ଦିନିଆ କାର୍ଯ୍ୟକ୍ରମ ସହ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ବିଭିନ୍ନ ସରକାରୀ ଅନୁଷ୍ଠାନ ପକ୍ଷରୁ ସୂଚନା ଶିକ୍ଷା ଓ ଯୋଗାଯୋଗ ଷ୍ଟଲ ଏବଂ ମିଶନ୍ ଶକ୍ତି ପକ୍ଷରୁ କେତେକ ଷ୍ଟଲ ଖୋଲାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ଜିଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ବିଭିନ୍ନ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ବୈଠକରେ ଯୋଗଦେଇ ଗାନ୍ଧୀ ସ୍ମୃତିପୀଠ ପରିସରର ସୌନ୍ଦର୍ଯ୍ୟକରଣ ତଥା ଶହୀଦ ଦିବସ ପାଳନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସିଏମ୍‌ସି ଅତିରିକ୍ତ କମିଶନର ସୋନା ଗୁଡ୍ଡୁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ‘ଓଡ଼ିଶାରେ ଭଲ ସିନେମା ଶୁଟିଂର ସୁଯୋଗ ଅଛି’



ବିପିଏଫ୍‌ଟିଆଇଓର ରୌପ୍ୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୯।୧(କାର୍ତ୍ତିକ ସାହୁ)

**ବିପିଏଫ୍‌ଟିଆଇଓର ରୌପ୍ୟ ଜୟନ୍ତୀ ସମାରୋହ**

କଳା, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମୃଦ୍ଧ ଓଡ଼ିଶା। ସାରା ଦେଶରେ ଏହାର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଓଡ଼ିଶାରେ ଭଲ ସିନେମା ଶୁଟିଂର ସୁଯୋଗ ରହିଛି ବୋଲି ପ୍ରଖ୍ୟାତ ସିନେ ନିର୍ମାତା ଅଡୁର ଗୋପାଳକ୍ରିଷ୍ଣନ୍ କହିଛନ୍ତି। କଟକ ଯୋବ୍ରାସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶା(ବିପିଏଫ୍‌ଟିଆଇଓ)ର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସିନେ ନିର୍ମାତା ଅଡୁର ଗୋପାଳକ୍ରିଷ୍ଣନ୍ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଫିଲ୍ମ ଟେକ୍ନୋଲୋଜିର ଏହା ଏକ ଅନନ୍ୟ ଅନୁଷ୍ଠାନ। ଏଠାରେ ପିଜି ପାଠ୍ୟକ୍ରମ ଖୋଲାଯିବା ଆବଶ୍ୟକ। ସିନେମା ଦେଖିବା, ପଢ଼ିବା ଉପରେ ଧ୍ୟାନ ଦେଲେ ଭଲ ଟେକ୍ନିସିଆନ୍ ହୋଇପାରିବେ। ବିନା ଆଲୋକରେ ସୁଟିଂ ଏବେ ବୈଷୟିକ ଜ୍ଞାନକୌଶଳରେ ସମ୍ଭବ ହୋଇପାରିଛି। ସିନେମା ନିର୍ମାଣ ପୂର୍ବାପେକ୍ଷା ସରଳ ହୋଇପାରିଛି। ତେବେ ଗୁଣାତ୍ମକତା ପ୍ରତି ସର୍ବଦା ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ସ୍କିଲ୍ ଡେଭେଲପମେଣ୍ଟ ଆଣ୍ଡ୍ ଟେକ୍ନିକାଲ ଏଜୁକେଶନର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ସର୍ବଦା ଉନ୍ମୁକ୍ତ ରୁହନ୍ତୁ। ସେମାନେ ବିଶ୍ୱମୁଖୀ ହୋଇ ନିଜର କାର୍ଯ୍ୟ ଅନ୍ୟମାନଙ୍କ ଦ୍ୱାରା ଯେପରି ଅଧିକ ଗ୍ରହଣୀୟ ହୋଇପାରିବ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ସେମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତାକୁ ପ୍ରତିପାଦନ କରନ୍ତୁ ବୋଲି ପାଢ଼ୀ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଦେବଦାସ ଛୋଟରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜର ସୃଜନଶୀଳତା ଉପଯୋଗ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜୀ କହିଛନ୍ତି, ୨୫ ବର୍ଷ ଧରି ଏହି ଅନୁଷ୍ଠାନ ବହୁ ଟେକ୍ନିସିଆନ ସୃଷ୍ଟି କରି ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟମାନଙ୍କ ସମେତ ଓଡ଼ିଆ ସିନେମା ଶିଳ୍ପ ସହ ଜଡ଼ିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେ ଗବେଷକ ସୂର୍ଯ୍ୟ ଦେଓ ଓଡ଼ିଆ ସିନେମାର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନେ ଯୋଗଦେଇ ଟେକ୍ନିକାଲ ସେସନ୍‌ରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ଦେବାଶିଷ ଘୋଷାଲ ଧନ୍ୟବାଦ ଦେଇଥିଲେ।



ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଓ ମୌଳିକ ସୁବିଧା ଯୋଗାଇ ଦେବା ଦାବି ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ‘ଭାଷା, ସାହିତ୍ୟର ପ୍ରସାର କରାଯାଉ’

କଟକ,୧୯।୧(ଶିଲ୍ପା ପ୍ରିୟଦର୍ଶିନୀ)

ସନତ ନଳିନୀ ବାଳିକା ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୌଜନ୍ୟଶୀଳତା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଭାଷା, ସାହିତ୍ୟର ପ୍ରସାର କରାଯାଉ ବୋଲି କହିଥିଲେ। ଏଥିସହ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ବିଦ୍ୟାଳୟରେ ଥିବା ଆବଶ୍ୟକତା ପୂରଣ ଦିଗରେ ଉଦ୍ୟମ କରିବେ ବୋଲି ମୋକିମ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମେରୀ ସିଲା ଦାସଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ, ସାଧନା ମହାନ୍ତି, ଦୀପ୍ତି ରାୟ, ସ୍ମିତା କର, ଜୟନ୍ତୀ ରାଉତ, ସ୍ମିତା ଦେ, ରୁଜ ରାୟ, କ୍ରିଷ୍ଟା ସିଂ, ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ରୁ ଏନ୍‌ଏଲ୍‌ୟୁରେ ପୁଷ୍ପ ପ୍ରଦର୍ଶନୀ

କଟକ,୧୯।୧ (କାର୍ତ୍ତିକ ସାହୁ)

ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ରେ ଦ୍ୱିତୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆସନ୍ତା ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ୨୦୨୩ରେ ପ୍ରଥମଥର ପାଇଁ ହୋଇଥିବା ପୁଷ୍ପ ପ୍ରଦର୍ଶନୀରେ ୪୦୦୦ ଦର୍ଶକଙ୍କ ଆଗମନ ହୋଇଥିଲା। ଲୋକମାନଙ୍କର ଏଥିପ୍ରତି ଥିବା ରୁଚିକୁ ଦୃଷ୍ଟିରେ ରଖି ଏଥର ଅନୁରୂପ ଭାବେ ପୁଷ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ହସ୍ତଶିଳ୍ପ ପ୍ରଦର୍ଶନ ସହ ଫୁଲ, ଚାରା, ବଗିଚା ଉପକରଣ ଆଦି ବିକ୍ରି କରାଯିବାର ବ୍ୟବସ୍ଥା ରହିଛି। ଏଥିରେ ବିଭିନ୍ନ ବର୍ଗର ଲୋକଙ୍କ ସମେତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କଲୋଳ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଚୌଦ୍ୱାର,୧୯।୧(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ନୂଆ-ଓ କାର୍ଯ୍ୟକ୍ରମର ଅଂଶବିଶେଷ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଇତିହାସ ଓ ସଂସ୍କୃତି ଉପରେ ଛାତ୍ରୀଛାତ୍ର ଅଧିକ ଜ୍ଞାନ ଆହରଣ କରନ୍ତୁ। ନୋଡାଲ ଅଫିସର ପ୍ରଫୁଲ୍ଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ଯୋଗଦେଇ କହିଛନ୍ତି, ଡିଜିଟାଲ ଯୁଗରେ ଓଡ଼ିଆ ଭାଷା କିପରି ଆଗକୁ ବଢ଼ିପାରିବ ସେ ସମ୍ପର୍କରେ ଯୁବପିଢ଼ି ପ୍ରୟାସ କରିବା ଉଚିତ। ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଆକାଶବାଣୀ ଓ ଦୂରଦର୍ଶନ କଣ୍ଠଶିଳ୍ପୀ ନିଶିପ୍ରଭା ପାଣି ଜଗନ୍ନାଥ ସଂସ୍କୃତି ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ବିଜେଡି ରାଜ୍ୟ ଯୁବ ସମ୍ପାଦକ ଅର୍ଜୁନ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂଆ-ଓ କାର୍ଯ୍ୟକ୍ରମରେ ଅଧିକ ଛାତ୍ରୀଛାତ୍ର ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।

# ‘ଛାତ୍ରୀଛାତ୍ର ସାହିତ୍ୟରେ ରୁଚି ରଖନ୍ତୁ’



କବିତା ପଠନରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କଣ୍ଟାପଡା, ୧୯।୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ସାଇଲୋ ବଡବିଲସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାଳୟରେ ଶୁକ୍ରବାର ଭାଷା ସାହିତ୍ୟ ଓ ସୃଜନ ଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଗଡବାଡଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପୁରାତନ ଶିକ୍ଷକ କାଳନ୍ଦୀ ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ମାତୃଭାଷାକୁ ଗୁରୁତ୍ୱ ଦେବାସହ ସାହିତ୍ୟ, ସୃଜନ ଶୀଳତାରେ ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବରେ କବିତା ପାଠକରି ଅନନ୍ୟା ମହାପାତ୍ର ଓ ଗଳ୍ପ ପଠନ କରି ଅଭିଜ୍ଞ ଜେନା ପୁରସ୍କୃତ ହୋଇଥିଲେ। ଶିକ୍ଷକ ସତ୍ୟଜିତ୍ ବେହେରା, ସୌଭାଗ୍ୟ ମଞ୍ଜରୀ ନାୟକ, ନରହରି ସେନାପତି, ଚନ୍ଦନ ବେହେରା, ଅନିରୁଦ୍ଧ ବାତ୍ରା, ପ୍ରଭାତ କୁମାର ଦାଶ, ପ୍ରକାଶ ମୁଦୁଲି, ସିପ୍ରା ଜେନା, ପୀତବାସ ପୃଷ୍ଟି ଓ ଉମାକାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଙ୍କୀ,୧୯।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ଏବଂ କଟକ ଜିଲା ମହିଳା ବିଜୁଜନତା ଦଳର ସଭାପତି ଜ୍ୟୋସ୍ନାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଜଗଦିଶ୍ ହରିଚନ୍ଦନ ସଭା ପରିଚାଳନା କରିଥିବାବେଳେ ଦୁଷ୍ମନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଲୋକଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ ଲକ୍ଷ୍ମୀନାରାୟଣ’

ଚୌଦ୍ୱାର,୧୯।୧(ଆଶୁତୋଷ ଦାସ)

ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ତଥା ମହାନ୍ ସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ ଓ ଶିଶୁ ସଦନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଗିରିଜା ଶଙ୍କର ଆଚାର୍ଯ୍ୟ, ଗାନ୍ଧିକ ବ୍ରଜ କିଶୋର ନାୟକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଖବରଦାତା ସତ୍ୟ ରାୟ, କଟକ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ଦଳିତ ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ଆନ୍ତଃବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ହସ୍ତକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ ଓ ରମାକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଆୟୋଜିତ ଶିଶୁ ସମାରୋହକୁ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଭାତରେ ସର୍ବଧର୍ମ ପ୍ରାର୍ଥନା, ଗୀତାପାଠ, ସମୂହ ବେଦ ଆବୃତ୍ତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିଶୁ ସଦନର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳକ ସୀମାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

**କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ**

କଟକ,୧୯।୧(ଶିଲ୍ପା ପ୍ରିୟଦର୍ଶିନୀ)

କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ସିଏମ୍‌ସିର ୱାର୍ଡ ନଂ.୬, ୧୧, ୩୩, ୪୩ ଓ ୫୨ କଂଗ୍ରେସ କମିଟିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜ୍ଞାନଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୱାର୍ଡସ୍ତରୀୟ କଂଗ୍ରେସ ସଭାପତି ଚୟନ କରାଯାଇଥିଲା। ୬ ନମ୍ବର ୱାର୍ଡର ସଭାପତି ଭାବେ ନଟରାଜ ସାହୁ, ୧୧ ନମ୍ବର ୱାର୍ଡ ସଭାପତି ନିରଞ୍ଜନ ବେହେରା, ୩୩ ନମ୍ବର ୱାର୍ଡ ସଭାପତି ରଞ୍ଜନ କୁମାର ସିଂ, ୪୩ ନମ୍ବର ୱାର୍ଡ ସଭାପତି ଅମରେନ୍ଦ୍ର ରାଉତରାୟ ଓ ୫୨ ନମ୍ବର ୱାର୍ଡର ସଭାପତି ପ୍ରିୟରଞ୍ଜନ ଦାସଙ୍କୁ ଚୟନ କରାଯାଇଛି। ଏହି ବୈଠକରେ ଗଗନ ବାରିକ, ସଂଗ୍ରାମ କେଶରୀ ଦାସ, ମହେନ୍ଦ୍ର ସୁବୁଦ୍ଧି, ରବୀନ୍ଦ୍ର ଦାସ, ଅବିନାଶ ନାୟକ, ସନ୍ତୋଷ ନାୟକ, ବିଘ୍ନେଶ୍ୱର ନାୟକ, ଶୁଭ୍ରଜ୍ୟୋତି ସ୍ୱାଇଁ, ପ୍ରକାଶ ଜେଠୀ, ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ରଜନୀକାନ୍ତ ବସ୍ତିଆ ଧନ୍ୟବାଦ ଦେଇଥିଲେ।

# ‘କ୍ରୀଡ଼ା ଶରୀରକୁ ସୁସ୍ଥ ରଖେ’

**ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ**

ଖୁଣ୍ଟୁଣୀ,୧୯।୧(ସଚ୍ଚିଦାନନ୍ଦ ପଣ୍ଡା)



ରାହାଙ୍ଗୋଳ ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଖୁଣ୍ଟୁଣୀ ଥାନା ଅଧୀନ ରାହାଙ୍ଗୋଳ ଆଶ୍ରମ ବିଦ୍ୟାଳୟରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ ଯୋଗଦେଇ କହିଛନ୍ତି, କ୍ରୀଡ଼ା ଶରୀରକୁ ସୁସ୍ଥ ରଖେ। ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନାଙ୍କ ସମେତ ୮ଟି ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ। ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଅଶୋକ କୁମାର ସାହୁ, ନୃସିଂହ ଚରଣ ବିଶ୍ୱାଳ, ଚନ୍ଦ୍ରମଣି ଶବର ଓ ମମତାରାଣୀ ବେହେରା ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଜିଲାର ୨୪ଟି ସ୍କୁଲରୁ ୨୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ଦାସଙ୍କ ସମେତ ଅନ୍ୟ ଅତିଥି ଯୋଗଦେଇଥିଲେ।



କଟକ ନୂଆପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।



କଟକ ମିଶନରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଗ୍ରନ୍ଥାଗାରିକ ପଦବୀ ପୂରଣ ପାଇଁ ପଦକ୍ଷେପ ନାହିଁ

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ସର୍ବସାଧାରଣ ପାଠାଗାରଗୁଡ଼ିକୁ ସୁଦୃଢ଼ ଓ ଆଧୁନିକୀକରଣ କରାଯିବ। ଏହା ସହିତ ସେଗୁଡ଼ିକର ସୁପରିଚାଳନା ନିମନ୍ତେ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକଙ୍କୁ ନିଯୁକ୍ତି ଦେବାର ଗାଇଡ୍‌ଲାଇନ୍ ରହିଛି। ବର୍ତ୍ତମାନ ରାଜ୍ୟରେ ଉଚ୍ଚଶିକ୍ଷା, ଗଣଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ଅନ୍ୟ ବିଭାଗଗୁଡ଼ିକରେ ବହୁସଂଖ୍ୟକ ଗ୍ରନ୍ଥାଗାରିକ ପଦବୀ ଦୀର୍ଘଦିନ ହେବ ଖାଲି ରହିଛି। ହେଲେ ରାଜ୍ୟ ସରକାର ଖାଲି ପଦବୀ ପୂରଣ କରିବାକୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି କି ନୂତନ ପଦବୀ ସୃଷ୍ଟି ପାଇଁ ମନବଳାଉନାହାନ୍ତି। ଫଳରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରୁ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଷୟ ନେଇ ତାଲିମପ୍ରାପ୍ତ ହଜାର ହଜାର ଆଶାୟୀ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇରହିଛନ୍ତି। ଇତିମଧ୍ୟରେ ବହୁ ଆଶାୟୀଙ୍କ ବୟସ ଅତିକ୍ରାନ୍ତ ହୋଇସାରିଛି। ରାଜ୍ୟ ସରକାରଙ୍କ ଏହି ଅଣଦେଖାକୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ବେସରକାରୀ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ଗ୍ରନ୍ଥାଗାରିକ ପଦବୀ ପୂରଣ ନିମନ୍ତେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଶେଷକରି କ୍ୟାଡ଼ର ରୁଲ୍ ଆଳରେ ଏହି ପଦବୀ ପୂରଣ କରାଯାଉନାହିଁ। ଏହା ମଧ୍ୟରେ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସରକାରୀ କଲେଜ ନିମନ୍ତେ ୨୦୧୭ରୁ ପ୍ରସ୍ତୁତ କ୍ୟାଡ଼ର ରୁଲ୍‌କୁ ବିଧିବଦ୍ଧଭାବେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ୨୦୨୩ ଏପ୍ରିଲ ୪ରେ ବିଭାଗ ପକ୍ଷରୁ ଜାରି ପତ୍ର ସଂଖ୍ୟା ୧୫୩୦୧/ଏଚ୍‌ଇ ଅନୁସାରେ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ୪୮୮ ବର୍ଗର କଲେଜଗୁଡ଼ିକରେ ୪୭୫ଟି ଅନୁମୋଦିତ ଗ୍ରନ୍ଥାଗାରିକ ପଦବୀରୁ ୩୫୭ଟି ଅର୍ଥାତ୍ ୭୫%ରୁ ଅଧିକ ଖାଲି ରହିଛି। ଅନ୍ୟପଟେ ୨୦୧୫ରୁ ଉଚ୍ଚଶିକ୍ଷା

## ଆଶାୟୀ ନିରାଶ, ତେଜୁଛି ଅସନ୍ତୋଷ

ନିର୍ଦ୍ଦେଶାଳୟ ପକ୍ଷରୁ ଗ୍ରନ୍ଥାଗାରିକଙ୍କ ନିମନ୍ତେ କ୍ୟାଡ଼ର ରୁଲ୍ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ଏହା ଗ୍ରନ୍ଥାଗାରିକ ପଦ ପୂରଣ ନିମନ୍ତେ ବାଧା ସୃଷ୍ଟିର କାରଣ ସାଜିଛି। ସେହିପରି ୬୬୨ ବର୍ଗ କଲେଜ ଗ୍ରନ୍ଥାଗାର ପାଇଁ ସରକାରଙ୍କର କୌଣସି ନିଯୁକ୍ତି ବ୍ୟବସ୍ଥା ନାହିଁ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ପାଠାଗାରମାନ ଖୋଲାଯାଇଛି। ମାତ୍ର ସେଗୁଡ଼ିକର ପରିଚାଳନା ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ତଥା ଅନ୍ୟ ରାଜ୍ୟ ଭଳି ଗ୍ରନ୍ଥାଗାର ପରିଚାଳନା ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇନାହିଁ। ଏହି ସ୍ମାର୍ଟ ଗ୍ରନ୍ଥାଗାର ସୁପରିଚାଳନା ନିମନ୍ତେ ୨୦୨୩ରେ ୧୦୬ଟି ଗ୍ରନ୍ଥାଗାରିକ ପଦବୀ ସୃଷ୍ଟି କରାଯାଇଥିଲା। ସେଥିମଧ୍ୟରୁ ୬୩ଟି ପଦବୀ ଅନୁମୋଦନ ଲାଭ କରିଥିଲେ ମଧ୍ୟ ଉକ୍ତ ପଦବୀଗୁଡ଼ିକ ପୂରଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ଓଡ଼ିଶାରେ କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ପ୍ରତ୍ୟେକ ବ୍ଲକରେ ଆଦର୍ଶବିଦ୍ୟାଳୟମାନ ଖୋଲାଯାଇଛି। ଏସବୁ ବିଦ୍ୟାଳୟ ନିମନ୍ତେ ପର୍ଯ୍ୟାୟକ୍ରମେ ୩୧୫ଟି ଏବଂ ମାଇନିଂ ବିଭାଗ ଦ୍ୱାରା ପରିଚାଳିତ ୫ଟି ଗ୍ରନ୍ଥାଗାରିକ ପଦବୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମଞ୍ଜୁରୀ ମିଳିସାରିଥିବାବେଳେ ୫ବର୍ଷ ପରେ ମାତ୍ର ଗୋଟିଏ ପଦବୀରେ ନିଯୁକ୍ତି ଦିଆଯାଇଛି। ଅବଶିଷ୍ଟ ୩୧୯ଟି ପଦବୀ ପୂରଣ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ରାଜ୍ୟ, ଜିଲା ଏବଂ ସହରାଞ୍ଚଳ ପାଠାଗାରଗୁଡ଼ିକର ସୁପରିଚାଳନା ନିମନ୍ତେ ଗତବର୍ଷ ଏକ ନିର୍ଦ୍ଦେଶାଳୟ ଗଠନ କରିବାକୁ ସ୍ୱୀକୃତି ମିଳିବା ସହିତ ବିଭିନ୍ନ ପଦବୀ ପୂରଣ ନିମନ୍ତେ ମଞ୍ଜୁରୀ ମିଳିସାରିଛି। ହେଲେ ଏଥି ନିମନ୍ତେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ।

ଏପଟେ ନୂତନ ନିଯୁକ୍ତିକୁ ଉପେକ୍ଷା କରାଯାଉଥିବାବେଳେ ରାଜ୍ୟ ଗ୍ରନ୍ଥାଗାରରେ ଅବସରପ୍ରାପ୍ତ ଗ୍ରନ୍ଥାଗାରିକଙ୍କୁ ନିଯୁକ୍ତି ଦିଆଯାଇଥିବା କହି ଆଶାୟୀ ପ୍ରଦୀପ କୁମାର ଚିନାରା ଓ ସୁନୀଲ କୁମାର ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତିରାଜ ବିଭାଗ ଅଧୀନରେ ପଞ୍ଚାୟତସ୍ତରରେ ପାଠାଗାର ବ୍ୟବସ୍ଥା ସହିତ ଏକ ନିର୍ଦ୍ଦେଶାବଳି ୨୦୧୮ରେ ହୋଇଥିବାବେଳେ ଏହାର ପରିଚାଳନା ନିମନ୍ତେ ତୁରନ୍ତ ଗ୍ରନ୍ଥାଗାରିକ ପଦବୀ ନିଯୁକ୍ତି ସୃଷ୍ଟି କରିବା ଆବଶ୍ୟକତା ରହିଥିବା ପୂଜା ମିଶ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷଙ୍କୁ ଏନେଇ ଅବଗତ କରାଯାଇଛି। ରାଜ୍ୟ ସରକାର ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ତାଲିମପ୍ରାପ୍ତ ଆଶାୟୀମାନେ ଉପକୃତ ହୋଇପାରିବେ ବୋଲି ଅର୍ପିତା ପ୍ରିୟଦର୍ଶନୀ ବଳ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଚାଖୀ ଖୁଣ୍ଟିଆଙ୍କ ୧୯୭ତମ ଜୟନ୍ତୀ ସମାରୋହ, କଳ୍ପନା ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ୧୦ମ ରାଷ୍ଟ୍ରୀୟ ନେତାଜୀ ସୁଭାଷ ଉତ୍ସବ, ବୁଦ୍ଧ ମନ୍ଦିର ହଲ୍, ପୂର୍ବାହ୍ନ ୧୦ଟା ୪୫।
- ବାଙ୍କ ବିହାରୀ ଦାସଙ୍କ ୧୦୨ତମ ଜୟନ୍ତୀ ସମାରୋହ, ରେଡ୍‌କ୍ରସ ଭବନ, ଅପରାହ୍ନ ୨ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଊନତ୍ରିଂଶ ବାର୍ଷିକ ଉତ୍ସବ, ନୀଳାଦ୍ରି ବିହାର, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା।
- ରାଜଧାନୀ କଳା ସଂସଦର ୬୫ତମ ବାର୍ଷିକ ଉତ୍ସବ, ରାଜଧାନୀ କଳା ସଂସଦର ନିଜସ୍ୱ ପ୍ରେକ୍ଷାଳୟ, ଖାରବେଳ ନଗର, ସନ୍ଧ୍ୟା ୬ଟା।

**କଟକ**

- ପାଣିନି ଏଜୁକେଶନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ପକ୍ଷରୁ ଭାରତୀୟ ଭାଷାଶାସ୍ତ୍ର ଏବଂ ଆଧୁନିକ ବ୍ୟାକରଣ ପରମ୍ପରା ଶୀର୍ଷକ କର୍ମଶାଳା, ଥିଓସଫିକାଲ ସୋସାଇଟି ପରିସର, ପୂର୍ବାହ୍ନ ୧୦ଟା।
- କଳ୍ପନା ସାହିତ୍ୟ ସଂସ୍କୃତି ପରିଷଦର ୧୯ତମ ବାର୍ଷିକ ଉତ୍ସବ, ଶତାବ୍ଦୀ ଭବନ, ଅପରାହ୍ନ ୫ଟା ୩୦।
- କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ୧୨୩ତମ ଜୟନ୍ତୀ, ଭଞ୍ଜମଣ୍ଡପ, ମିଶନ ରୋଡ୍, ସନ୍ଧ୍ୟା ୬ଟା।

# ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରାଯାଉ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କନିଷ୍ଠ ଶିକ୍ଷକ ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୯।୧(ଶର୍ମିଷ୍ଠା ପାଣିଗ୍ରାହୀ)

## କନିଷ୍ଠ ଶିକ୍ଷକ ଆଶାୟୀଙ୍କ ଧାରଣା

କନିଷ୍ଠ ଶିକ୍ଷକ(ସ୍କିମାଟିକ) ନିଯୁକ୍ତି ପାଇଁ ପ୍ରକାଶ ପାଇଥିବା ମେରିଟ୍ ଲିଷ୍ଟରେ ବହୁ ଅଯୋଗ୍ୟ ପ୍ରାର୍ଥୀ ଥିବା ଅଭିଯୋଗ କରି ଆଶାୟୀମାନେ ଗାନ୍ଧୀ ମାର୍ଗରେ ଧାରଣା ଦେଇଛନ୍ତି। ମେରିଟ ଲିଷ୍ଟର ସ୍ୱଚ୍ଛତା ପାଇଁ ପ୍ରାର୍ଥୀଙ୍କ ସମୁଦାୟ ମାର୍କ ପ୍ରକାଶ କରିବା, ନର୍ମାଲାଇଜେଶନ୍ ପ୍ରକ୍ରିୟା ଓ ମାର୍କ ପ୍ରକାଶ କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କକୁ ସାର୍ବଜନୀନ କରିବାକୁ ସେମାନେ ଦାବି କରୁଛନ୍ତି। ଏହାସହ ଏନ୍‌ଆଇଓଏସ୍ ଡିଏଲ୍‌ଇଡି ପରୀକ୍ଷାର୍ଥୀ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବର୍ଗରେ ସ୍ଥାନ ପାଇଥିବା ସମାନ ପରୀକ୍ଷାର୍ଥୀଙ୍କୁ ଗୋଟିଏରୁ ବାଦ୍ ଦିଆଯାଉ ବୋଲି ସେମାନେ କହିଛନ୍ତି। ସେହିଭଳି ସମସ୍ତ ୨୦ ହଜାର ପଦ ପୂରଣ ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ଯାଞ୍ଚ କରିବା ଓ ତନ୍ମଧ୍ୟରେ ଶ୍ରେଷ୍ଠ ୨୦ହଜାର ପରୀକ୍ଷାର୍ଥୀଙ୍କୁ ନିଯୁକ୍ତି କରିବାକୁ ଧାରଣାରତ ଆନ୍ଦୋଳନକାରୀମାନେ ଦାବି ରଖିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ପରି ଶୁକ୍ରବାର ମଧ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ମାଗିବା ପାଇଁ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟରେ ଆଶାୟୀଙ୍କ ଭିଡ଼ ଦେଖାଦେଇଛି।

## ବାରବାଟୀ-କଟକ ନିର୍ବାଚନୀ ମାମଲା

# ଉଭୟ ପକ୍ଷର ଯୁକ୍ତି ଉପସ୍ଥାପନ ଶେଷ

କଟକ,୧୯।୧ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନୀ ମାମଲାରେ ଉଭୟ ପକ୍ଷର ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଆବେଦନକାରୀ ତଥା ମାମଲାର ପ୍ରଥମ ପକ୍ଷ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ୨ ସପ୍ତାହ ଧରି ଚାଲିଥିବା ଯୁକ୍ତି ଉପସ୍ଥାପନ ଶୁକ୍ରବାର ଶେଷ ହୋଇଛି। ସାମନ୍ତରାୟଙ୍କ ପକ୍ଷରୁ କରାଯାଇଥିବା ଯୁକ୍ତିର ଉତ୍ତର ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ଆସନ୍ତା ୨୫ ତାରିଖରେ ପ୍ରଦାନ କରାଯିବାକୁ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ବିଧାୟକ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିଲା। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ ତଥା କଂଗ୍ରେସ ବିଧାୟକ ମହମ୍ମଦ୍ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି। ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ମିଳନ୍ କାନୁନ୍‌ଗୋ, ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମ୍‌ଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ଦିଆସିଲି କାଠିରେ ଅଯୋଧ୍ୟା ଶ୍ରୀରାମ ମନ୍ଦିର କଳାକୃତି

ପୁରୀ, ୧୯।୧(ଅଜିତ୍ ମହାନ୍ତି)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଓ ପ୍ରଭୁ ରାମଲାଲାଙ୍କ ପ୍ରତିମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହାକୁ ନେଇ ସାରା ଦେଶ ଉତ୍ସବମୁଖର ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ପୁରୀ ନିବାସୀ ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ଅଯୋଧ୍ୟା ରାମ ମନ୍ଦିରର ଏକ ଚମତ୍କାର ପ୍ରତିକୃତି ତିଆରି କରିଛନ୍ତି। ଉକ୍ତ କଳାକୃତି ସମ୍ପୂର୍ଣ୍ଣ କରିବାକୁ ସାହୁଙ୍କୁ ୬ଦିନ ସମୟ ଲାଗିଛି। ଏହି ପ୍ରତୀକାତ୍ମକ କଳାକୃତି ନିର୍ମାଣରେ ମୋଟ ୯୩୬ ଦିଆସିଲି କାଠି ବ୍ୟବହୃତ ହୋଇଛି। ମନ୍ଦିରର ପରିମାପ ୭ ସେମି ଓସାର ଏବଂ ୧୪ ସେମି ଲମ୍ବ ରହିଛି। ସାହୁ ତାଙ୍କ କଳାକୃତି ମାଧ୍ୟମରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସମ୍ମାନ, ଭକ୍ତି ଭାବନାକୁ ବ୍ୟକ୍ତ କରିବା ସହ ଉତ୍ସବର ସଫଳ ରୂପାୟନ କାମନା କରିଛନ୍ତି।



ଯୁବଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ ତିଆରି କରିଥିବା ଅଯୋଧ୍ୟା ରାମ ମନ୍ଦିର।

## ନିୟମ ପାଳନ ନ କରି ସିଭିଲ କୋର୍ଟକୁ ପଠାଉଛି ଓରେରା

# ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୯।୧ (କାର୍ତ୍ତିକ ସାହୁ):** ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରୀ ଅଥରିଟି (ଓରେରା) କରିଥିବା ନିୟମ ନିଜେ ପାଳନ ନକରି ସିଭିଲ କୋର୍ଟକୁ ପଠାଇ ଦେଉଛି। ଏଭଳି କାର୍ଯ୍ୟ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଶୁକ୍ରବାର ଓରେରାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁସାରେ, ଓପିଡିଆର ଆଇନ ଅନୁଯାୟୀ ଓରେରା ପକ୍ଷରୁ ବିଭିନ୍ନ ବିଲ୍ଡରଙ୍କଠାରୁ ଦେୟ ଆଦାୟ ପାଇଁ ୧୨୮ଟି ମାମଲା କୋର୍ଟରେ ରୁଜୁ କରାଯାଇଛି। କିନ୍ତୁ ଏଥିରୁ କୌଣସି ମାମଲାରେ ଜଣେ ବି ବିଲ୍ଡରଙ୍କଠାରୁ ଟଙ୍କାଟିଏ ଆଦାୟ କରାଯାଇ ପାରିନାହିଁ। ଅଥଚ ଘର ଦେବା ପଜେଶନ ସଂକ୍ରାନ୍ତୀୟ ୪୦ଟି ମାମଲା ସିଭିଲ କୋର୍ଟକୁ ପଠାଯାଇଛି। କିନ୍ତୁ ସେଥିରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ବିଭିନ୍ନ ବିଲ୍ଡରଙ୍କ ଉପରେ ପ୍ରାୟ ୧୧ କୋଟି ଟଙ୍କା ଓରେରା ପକ୍ଷରୁ ଜରିମାନା କରାଯାଇଛି। ହେଲେ ସେମାନଙ୍କଠାରୁ ମାତ୍ର ୬ଲକ୍ଷ ଟଙ୍କା ଜରିମାନା ରାଶି ଆଦାୟ କରାଯାଇଛି। କେବଳ ଓରେରା ପକ୍ଷରୁ ମାମଲା ବିଭିନ୍ନ କୋର୍ଟ ଏବଂ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯାଉଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ଓ ଓରେରା ପକ୍ଷରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ଆଜି ଚିଲିକାରେ ଡଲ୍‌ଫିନ୍ ଗଣନା

## ସାମିଲ ହେବେ ଶହେରୁ ଊର୍ଦ୍ଧ୍ୱ ପ୍ରଶିକ୍ଷଣକାରୀ

ବାଲୁଗାଁ/ବ୍ରହ୍ମଗିରି,୧୯।୧(ସଂଗ୍ରାମ ପାଇକରାୟ/ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ଶନିବାର ଇରାୱାଡ଼ି ପ୍ରଜାତିର ଡଲଫିନ ଗଣନା ନେଇ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଶୁକ୍ରବାର ବାଲୁଗାଁ ଚନ୍ଦ୍ରାପୁଟସ୍ଥିତ ସିଡିଏ କାର୍ଯ୍ୟାଳୟରେ ୧୦ଟି ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ଟି ଟିମ୍‌କୁ ମିଶାଇ ଦୁଇଟି ସ୍ଥାନରେ ମୋଟ୍ ୧୮ଟି ଗଣନାକାରୀ ଟିମ୍‌ଙ୍କୁ ନେଇ ପୃଥକ୍‌ଭାବେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିଏ କାର୍ଯ୍ୟାଳୟରେ ଚିଲିକା ବନ୍ୟପ୍ରାଣୀ ବିଭାଗୀୟ ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ଉକ୍ତ ଶିବିରକୁ ପରିଚାଳନା କରିଥିବା ବେଳେ ଆର୍‌ସିସିଏଫ ସଞ୍ଜିତ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଗୁରୁଦୀପ ରସ୍ତୋଗୀ ଓ ପ୍ରଦୀପ୍ତ ରଞ୍ଜନ ମୁଦୁଲି ଯୋଗଦେଇ ଚିଲିକାରେ ନିର୍ଭୁଲ ଡଲଫିନ୍ ଗଣନା ଦିଗରେ ତାଲିମ ପ୍ରଦାନ କରିଥିଲେ। ସେହିପରି ସାତପଡ଼ାରେ ସିଡିଏର ସାଇଣ୍ଟିଷ୍ଟ ଆର୍.ଏନ୍.ସାମଲ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଗଣନା ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀ ଅର୍ଥାତ୍ ଚିଲିକାର ଯେଉଁ ଅଞ୍ଚଳରେ ଡଲ୍‌ଫିନ୍ ଦୃଷ୍ଟିଗୋଚର ହୋଇଥାନ୍ତି, ସେଠାରେ ଗଣନାକାରୀଙ୍କ ଡଙ୍ଗା ଏକ ସରଳରେଖା ଦେଇ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲଫିନ୍ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଗଣନା ପାଇଁ ଚିଲିକାକୁ ୪ଟି ସେକ୍ଟର ତଥା ମଧ୍ୟ ଚିଲିକା, ଉତ୍ତର, ଦକ୍ଷିଣ ଏବଂ ବାହ୍ୟ ଚିଲିକା ଅଞ୍ଚଳରେ ବିଭକ୍ତ କରାଯାଇଥିବା ବେଳେ ପ୍ରତ୍ୟେକ ଗଣନାକାରୀ ଟିମରେ ଜଣେ ବିଶେଷଜ୍ଞଙ୍କ ସମେତ ୫ ଜଣ ସଦସ୍ୟ ସାମିଲ ହୋଇଛନ୍ତି। ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ଗଣନା କରାଯିବ। ଡଲଫିନ୍ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ମହିସା, ବଡ଼ଗୋଠ, ସିପକୁଦା ଚିଲିକାରେ ୮ଟି ଟିମ୍ ଏବଂ ବାଲୁଗାଁଠାରୁ କାଳିଜାଇ, କୃଷ୍ଣପ୍ରସାଦ, ପାରିକୁଦ, ନଳବଣ, ବାଲିନାସି, ଦେଇପୁରୁ, ବରୁଣପଡ଼ା ଏବଂ ରମ୍ଭା ଆଦି ଅଞ୍ଚଳରେ ୧୦ଟି ଟିମ୍ ନିୟୋଜିତ ରହି ଗଣନା କରିବେ। ମୋଟ ୧ଶହରୁ ଊର୍ଦ୍ଧ୍ୱ ଜଣ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ପ୍ରତ୍ୟେକ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା ଏବଂ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ଗତବର୍ଷ ୧୬୪ଟି ଡଲଫିନ୍ ଚିହ୍ନଟ ହୋଇଥିଲେ। ଯଦି ଶନିବାର ପାଗ ଅନୁକୂଳ ନ ରହେ ତେବେ ଆସନ୍ତା ୨୧,୨୨ ଓ ୨୩ ତାରିଖ ତିନିଦିନ ଧରି ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଡଲଫିନ ଗଣନା କାର୍ଯ୍ୟ ଜାରି ରହିବ ବୋଲି ଡିଏଫ୍‌ଓ ନାୟକ କହିଛନ୍ତି।



ଡଲ୍‌ଫିନ୍ ଗଣନା ପାଇଁ ବାଲୁଗାଁ ଚନ୍ଦ୍ରାପୁଟସ୍ଥିତ ସିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତନୱିର୍



@ ସୁଶାନ୍ତ



@ ଅପର୍ଣ୍ଣା



@ ରଞ୍ଜନ



@ ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳାଚଳ ସାରସ୍ୱତ ସଂଘ ନାମରେ ଅପପ୍ରଚାର ଅଭିଯୋଗ

ଭୁବନେଶ୍ୱର,୧୯।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପୁରୀର ନୀଳାଚଳ ସାରସ୍ୱତ ସଂଘ ବିବାଦ ପୁଣି ମୁଣ୍ଡଟେକିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିବା ସହ ସଂଘର ପ୍ୟାଡ୍ ଓ ରେଜିଷ୍ଟ୍ରେଶନ ନମ୍ବର ବ୍ୟବହାର କରାଯାଇ ନାନା ଅପପ୍ରଚାର କରାଯାଉଥିବା ଶୁକ୍ରବାର ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୀଳାଚଳ ସାରସ୍ୱତ ସଂଘ ପରମହଂସ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ୧୯୩୪ରେ ପ୍ରତିଷ୍ଠା ହୋଇଥିଲା। ପରେ ୧୯୮୫ରେ ୨ଜଣ ସଂଘରୁ ବାହାରି ସଂଘ ନାମରେ ଏକ ଅନ୍ୟ ସଂଘ ଗଠନ କରି ତାହାକୁ ମୂଳ ସଂଘ ବୋଲି ଦାବି କଲେ। ଏହାକୁ ନେଇ ଉପୁଜିଥିବା ବିବାଦ ପ୍ରଥମେ ବାଲେଶ୍ୱର ଅଦାଲତରେ ପହଞ୍ଚିଥିଲା। ଅଦାଲତ ପ୍ରଥମେ ଗଠନ ହୋଇଥିବା ସଂଘ ସପକ୍ଷରେ ରାୟ ଦେଲେ। ପରେ ପରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ସମାନ ରାୟ ଶୁଣାଇଥିଲେ। ହାଇକୋର୍ଟ ପ୍ରତିପକ୍ଷ ଦ୍ୱାରା ହୋଇଥିବା ପରିଚୟକୁ ଅବୈଧ ଘୋଷଣା କରିବା ସହ ମୂଳ ସଂଘର ନାମ, ଲୋଗୋ, ରେଜିଷ୍ଟ୍ରେଶନ ନମ୍ବର ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ପୁନଃ ଗଠିତ ସଂଘ ସାଧାରଣ ବୈଠକ ଆହ୍ୱାନ, ପ୍ୟାଡ୍ ବ୍ୟବହାର କରି ବିଭିନ୍ନ କାର୍ଯ୍ୟ ଓ ଏମିତିକି କିଛି ଖବରକାଗଜକୁ ମିଛ ଖବର ଦେଇ ଅପପ୍ରଚାର ଚଳାଇଛନ୍ତି। ଏହା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ତେବେ ଏଭଳି ମିଛ ଖବରରେ ଭ୍ରମିତ ନ ହେବାକୁ ସଂଘ ପରିଚାଳକ ଶରତ କୁମାର ସିଂହଦେଓ କହିଛନ୍ତି। ସମ୍ପାଦକ ନରେଶ ଚନ୍ଦ୍ର ପତି ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ଅଭିଯୋଗ କରାଯାଉଛି।

